Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:39+29 May 2026 (Friday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୩୯+୨୯ ମେ ୨୦୨୬ (ଶୁକ୍ରବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ବିଜେପିରେ ସାଂଗଠନିକ ଅଦଳବଦଳ :

ଦିଲ୍ଲୀ, ହରିୟାଣା, ପଞ୍ଜାବ ଓ ତ୍ରିପୁରାକୁ ମିଳିଲେ ନୂଆ ମୁଖ୍ୟ

ନୂଆଦିଲ୍ଲୀ,୨୮/୫: ଆସନ୍ତା ନିର୍ବାଚନଗୁଡ଼ିକ ପାଇଁ ପ୍ରସ୍ତୁତି ଜୋରଦାର କରି ଭାରତୀୟ ଜନତା ପାର୍ଟି (ବିଜେପି) ଗୁରୁବାର ଦିନ ଏକ ବଡ଼ ସାଂଗଠନିକ ଅଦଳବଦଳ କରିଛି। ଦଳ ପକ୍ଷରୁ ଦିଲ୍ଲୀ, ହରିୟାଣା, ପଞ୍ଜାବ ଓ ତ୍ରିପୁରା ପାଇଁ ନୂଆ ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବିଜେପି ଜାତୀୟ ସଭାପତି ନିତିନ ନବୀନଙ୍କ ଅନୁମୋଦନ କ୍ରମେ ଏହି ନୂଆ ଦାୟିତ୍ୱ ଦିଆଯାଇଛି ଏବଂ ଦଳର ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂହଙ୍କ ଦ୍ୱାରା ଏନେଇ ପୃଥକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସମସ୍ତ ନିଯୁକ୍ତି ତତ୍କାଳ ପ୍ରଭାବରୁ ଲାଗୁ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ନେତୃତ୍ୱ ଓ ଆଂଚଳିକ ୟୁନିଟ୍ ମଧ୍ୟରେ ସମନ୍ୱୟ ରକ୍ଷା କରି ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ଉଦ୍ଦେଶ୍ୟରେ ଏହି ପରିବର୍ତ୍ତନ କରାଯାଇଛି। ଏହାକୁ ବିଜେପିର ଏକ ବଡ଼ ସାଂଗଠନିକ ସଂସ୍କାରର ଆରମ୍ଭ ବୋଲି କୁହାଯାଉଛି।କାହାକୁ ମିଳିଲା କେଉଁ ରାଜ୍ୟର ଦାୟିତ୍ୱ ? ହର୍ଷ ମଲହୋତ୍ରା (ଦିଲ୍ଲୀ): କେନ୍ଦ୍ରୀୟ କର୍ପୋରେଟ୍ ବ୍ୟାପାର ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ତଥା ପୂର୍ବ ଦିଲ୍ଲୀର ସାଂସଦ ହର୍ଷ ମଲହୋତ୍ରାଙ୍କୁ ଦିଲ୍ଲୀ ବିଜେପିର ସଭାପତି କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ଗୌତମ ଗମ୍ଭୀରଙ୍କ ସ୍ଥାନରେ ଟିକେଟ୍ ପାଇ ସେ ୯୩,୬୬୩ ଭୋଟରେ ବିଜୟୀ ହୋଇଥିଲେ। ପୂର୍ବରୁ ସେ ଦିଲ୍ଲୀ ବିଜେପିର ସାଧାରଣ ସମ୍ପାଦକ ଏବଂ ୨୦୧୫-୧୬ରେ ପୂର୍ବ ଦିଲ୍ଲୀର ମେୟର ମଧ୍ୟ ରହିସାରିଛନ୍ତି। ଅର୍ଚ୍ଚନା ଗୁପ୍ତା (ହରିୟାଣା): ପାନିପତର ବାସିନ୍ଦା ଅର୍ଚ୍ଚନା ଗୁପ୍ତାଙ୍କୁ ହରିୟାଣା ବିଜେପିର ନୂଆ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ଏହି ପଦବୀକୁ ଆସିବା ପୂର୍ବରୁ ସେ ହରିୟାଣା ବିଜେପିର ରାଜ୍ୟ ସାଧାରଣ ସମ୍ପାଦିକା ଭାବେ କାର୍ଯ୍ୟ କରୁଥିଲେ। କେଭଲ ସିଂହ ଧିଲୋନ୍ (ପଞ୍ଜାବ): ଆଗାମୀ ବିଧାନସଭା ନିର୍ବାଚନକୁ ନଜରରେ ରଖି ପଞ୍ଜାବ ବିଜେପିର କମାଣ୍ଡ କେଭଲ ସିଂହ ଧିଲୋନଙ୍କ ହାତରେ ସମ୍ପାଦିତ ହୋଇଛି। ବାର୍ନାଲାର ପୂର୍ବତନ ବିଧାୟକ ଧିଲୋନ୍ ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂହଙ୍କ ଅତି ନିକଟତର ଏବଂ ସେ ୨୦୨୨ରେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଅଭିଷେକ ଦେବରାୟ (ତ୍ରିପୁରା): ତ୍ରିପୁରାରେ ଦଳ ଅଭିଷେକ ଦେବରାୟଙ୍କୁ ନୂଆ ରାଜ୍ୟ ସଭାପତି କରିଛି। ସେ ୨୦୨୩ ବିଧାନସଭା ନିର୍ବାଚନରେ ହାଇପ୍ରୋଫାଇଲ୍ ମାତାରବାଡ଼ି ଆସନରୁ କଂଗ୍ରେସ ପ୍ରାର୍ଥୀଙ୍କୁ ୯,୦୦୦ରୁ ଅଧିକ ଭୋଟ୍ରେ ହରାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

ବିହାରର ସମସ୍ତିପୁରରେ ବଡ଼ ଅଘଟଣ :

ଗଙ୍ଗା ନଦୀରେ ଡଙ୍ଗା ବୁଡ଼ି ୨ ମୃତ, ୫ ନିଖୋଜ

ବିହାର,୨୮/୫: ବିହାରର ସମସ୍ତିପୁର ଜିଲ୍ଲାରେ ଗୁରୁବାର ସକାଳେ ଏକ ଦୁଃଖଦାୟକ ଅଘଟଣ ଘଟିଯାଇଛି । ମୋହିଉଦ୍ଦିନନଗର ବ୍ଲକର ସୁଲତାନପୁର ଦିଆରା ନିକଟରେ ପ୍ରାୟ ୧୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ିଯିବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫ ଜଣ ନିଖୋଜ ଅଛନ୍ତି। ସରକାରୀ ସୂଚନା ଅନୁଯାୟୀ, ଗୁରୁବାର ସକାଳ ପ୍ରାୟ ୫:୩୦ ସମୟରେ ପ୍ରବଳ ପବନ ଯୋଗୁଁ ଗଙ୍ଗା ନଦୀ ମଝିରେ ଏହି ଦୁର୍ଘଟଣା ଘଟିଥିଲା । ଡଙ୍ଗାରେ ଥିବା ଲୋକମାନେ ମୁଖ୍ୟତଃ ମହିଳା ଥିଲେ ଏବଂ ସେମାନେ ନଦୀ ପାର ହୋଇ ପୋଟଳ ଓ ଅନ୍ୟାନ୍ୟ ପନିପରିବା ଆଣିବାକୁ ଯାଉଥିଲେ । ସ୍ଥାନୀୟ ପ୍ରଶାସନ, ଏନଡିଆରଏଫ ଓ ଏସଡିଆରଏଫ ଟିମ୍ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ବାକି ୫ ଜଣ ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରହିଛି। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆଖି ପିଛୁଳାକେ ଡଙ୍ଗାଟି ନଦୀ ମଝିରେ ବୁଡ଼ିଯାଇଥିଲା । କିଛି ଲୋକ ପହଁରି କୂଳକୁ ଚାଲିଆସିଥିଲେ ମଧ୍ୟ ଅଧିକାଂଶ ମହିଳା ପାଣିରେ ବୁଡ଼ିଯାଇଥିଲେ। ଉଦ୍ଧାର ହୋଇଥିବା ମହିଳାମାନଙ୍କ ମଧ୍ୟରୁ ୨ ଜଣ ଅଚେତ ଥିବା ବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି ।

ଆମେରିକାର କାଗଜ କାରଖାନାରେ ରାସାୟନିକ ଟ୍ୟାଙ୍କ୍ ବିସ୍ଫୋରଣ, ଅନେକ ମୃତ

ୱାଶିଂଟନ୍,୨୮/୫: ଯୁକ୍ତରାଷ୍ଟ୍ର ଆମେରିକାରେ ଏକ କାଗଜ ଏବଂ କପଡା କାରଖାନାରେ ଏକ ରାସାୟନିକ ଟ୍ୟାଙ୍କ୍ ବିସ୍ଫୋରଣରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମିଲ୍ ପରିସରରେ ପ୍ରାୟ ୧୦ ଜଣ ଗୁରୁତର ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସି ଏହି ଲୋକମାନେ ପୋଡ଼ି ହୋଇ ଯାଇଥିଲେ। ମିଲ୍ ମ୍ୟାନେଜମେଂଟ କହିଛି ଯେ ଅନେକ ଶ୍ରମିକ ନିଖୋଜ ଅଛନ୍ତି। ମଙ୍ଗଳବାର ସକାଳେ ଘଟିଥିବା ଏହି ଦୁର୍ଘଟଣାରେ ଅନେକ ଲୋକ ପ୍ରାଣ ହରାଇଥିବା ସରକାରୀ ଅଧିକାରୀ ଏବଂ ପରିଚାଳନା ସ୍ପଷ୍ଟ କରିଛନ୍ତି।

ଜୁଲାଇ ୨ରୁ ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା

କଟକ,୨୮/୫(ନି/ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ଜୁଲାଇ ୨ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ବୁଧବାର ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଜୁଲାଇ ୨ରେ ପ୍ରଥମ ଭାଷା ଓଡ଼ିଆ, ୪ରେ ଦ୍ୱିତୀୟ ଭାଷା ଇଂରାଜୀ, ୬ରେ ଗଣିତ, ୮ରେ ବିଜ୍ଞାନ, ୯ରେ ସାମାଜିକ ବିଜ୍ଞାନ ଏବଂ ୧୦ରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପୂର୍ବାହ୍ଣ ୯ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ପରୀକ୍ଷା ହେବ। କେବଳ ଗଣିତ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବ। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଦ୍ୱିତୀୟ) ପରୀକ୍ଷା ପାଇଁ ସୂଚୀ ପ୍ରକାଶ ପାଇଛି।

ମୌସୁମୀ ସକ୍ରିୟ ହେବାକୁ ସୁହାଉନି ପାଗ :

କେରଳରେ ମୌସୁମୀ ଛୁଇଁବାକୁ ଆହୁରି ୩ ଦିନ ଅପେକ୍ଷା

ଭୁବନେଶ୍ୱର,୨୮/୫(ନି/ପ୍ର): ସାରା ଦେଶରେ ତାତି ତାଉ ଦେଖାଉଥିବା ବେଳେ ମୌସୁମୀକୁ ଖୋଜାପଡ଼ିଛି। ଆରବ ସାଗର, ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇସାରିଲାଣି। କେରଳରେ ବର୍ଷା ହେଉଥିଲେ ମଧ୍ୟ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପଶିବା ପାଇଁ ଯେଉଁ ପାଣିପାଗ ନିୟାମକର ଆବଶ୍ୟକତା ରହୁଛି ତାହା ସକ୍ରିୟ ହେଉନଥିବାରୁ ମୌସୁମୀ ବର୍ତ୍ତମାନ ସୁଦ୍ଧା କେରଳ ଛୁଇଁନାହିଁ। ସୂର୍ଯ୍ୟକିରଣରୁ ପୃଥିବୀ ଗ୍ରହଣ କରୁଥିବା ଉତ୍ତାପ ବିକିରଣର ପରିଣାମ ବର୍ଗମିଟର ପିଛା ୨୦୦ ୱାଟ୍ରୁ କମ୍ ହେବା ଆବଶ୍ୟକ। କିନ୍ତୁ କେରଳରେ ଏହାର ପରିମାଣ ଅଧିକ ରହୁଛି। ଏଥିସହ ଭୂପୃଷ୍ଠରୁ ୪.୫ କିମି ଉଚ୍ଚତା ପର୍ଯ୍ୟନ୍ତ ପଶ୍ଚିମା ବାୟୁର ପ୍ରଭାବ ରହିବା ଆବଶ୍ୟକ। ନିମ୍ନସ୍ତରରେ ପବନର ବେଗ ଠିକ୍ ରହୁଥିବା ବେଳେ ଉପରସ୍ତରରେ ଏହି ବେଗ ରହୁନାହିଁ। ଏହି ଦୁଇ ପାଣିପାଗ ନିୟାମକର ଆବଶ୍ୟକତା ପୂର୍ଣ୍ଣ ହେଉନଥିବାରୁ ଏଯାଏଁ ମୌସୁମୀ କେରଳ ଛୁଇଁନାହିଁ। ତେବେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସ୍ଥିତି ଅନୁକୂଳ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ କୁହାଯାଇଛି। ଆଇଏମ୍ ?ଡିର ସୂଚନା ମୁତାବକ, ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣପୂର୍ବ ଆରବ ସାଗର, ଲାକ୍ଷାଦ୍ୱୀପର କିଛି ଅଂଚଳ, ଦକ୍ଷିଣ-ପୂର୍ବ, ଦକ୍ଷିଣପୂର୍ବ ଓ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଂଶ, ଆଣ୍ଡାମାନ ସାଗର ଏବଂ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଂଚଳରେ ଆଜି ମୌସୁମୀ ବାୟୁ ସକ୍ରିୟ ହୋଇଛି। ଆସନ୍ତା ୨ରୁ ୩ ଦିନରେ ଏହି ସବୁ ଅଂଚଳର ଆଉ କିଛି ଅଂଶରେ ମୌସୁମୀ ସକ୍ରିୟ ହୋଇଯିବ। ଅନ୍ୟପଟେ ଉତ୍ତର-ପଶ୍ଚିମ ଓଡ଼ିଶା ଅଂଚଳରେ ଏକ ବାୟୁମଣ୍ଡଳସ୍ତରୀୟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ବର୍ଷା ଦେଖିବାକୁ ମିଳୁଛି। ଆଜି ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଏବଂ କିଛି ସ୍ଥାନରେ କୁଆପଥର ମାଡ଼ ହୋଇଛି। ସେପଟେ ରାଜ୍ୟରେ ତାତି ଜାରି ରହିଛି। ରାଜ୍ୟର ୧୭ ସହରର ତାପମାତ୍ରା ୪୦ ଡିଗ୍ରି ଅତିକ୍ରମ କରିଥିବାବେଳେ ସର୍ବୋଚ୍ଚ ତାପମାତ୍ରା ସମ୍ବଲପୁରରେ ୪୪.୨ ଡିଗ୍ରି ରେକର୍ଡ ହୋଇଛି। ସେହିଭଳି ଟିଟିଲାଗଡ଼ରେ ୪୩.୫, ସୁବର୍ଣ୍ଣପୁରରେ ୪୩.୧ ଓ ବଲାଙ୍ଗୀରରେ ୪୩ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତାକାଲି ସମ୍ବଲପୁର, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀରରେ ଗ୍ରୀଷ୍ମ ଲହରିଜନିତ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏଥିସହ ସମ୍ବଲପୁର ଓ ବଲାଙ୍ଗୀରରେ ଉତ୍ତପ୍ତ ରାତି ନେଇ ଚେତାବନୀ ଜାରି ହୋଇଛି।

ଇନ୍ଧନ ଦରବୃଦ୍ଧି ଚାପ :

ଘରୋଇ ଉଡ଼ାଣ ବାତିଲ କଲେ ଇଣ୍ଡିଗୋ, ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୮/୫: ଇନ୍ଧନ ଦରବୃଦ୍ଧି ଚାପ ଅସହ୍ୟ ହେବାରୁ ଦେଶର ଦୁଇ ବଡ଼ ଏୟାରଲାଇନ୍ ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ଘରୋଇ ବିମାନ ଉଡ଼ାଣ ବାତିଲ କରିବାକୁ ବାଧ୍ୟ ହୋଇଛନ୍ତି। ଏୟାର ଇଣ୍ଡିଆ ଘରୋଇ ରୁଟ୍ରେ ୨୨ ପ୍ରତିଶତ ଓ ଇଣ୍ଡିଗୋ ୭ ପ୍ରତିଶତ ପର୍ଯ୍ୟନ୍ତ ଉଡ଼ାଣ ବାତିଲ କରିଛି। ଆସନ୍ତା ଜୁନ୍ରୁ ଅଗଷ୍ଟ ମଧ୍ୟରେ ଉଭୟ କମ୍ପାନିର ଉଡ଼ାଣ ହ୍ରାସ ପାଇବ। ପୂର୍ବରୁ ଉଭୟ ସଂସ୍ଥା ଅନ୍ତର୍ଜାତୀୟ ରୁଟ୍ରେ ଉଡ଼ାଣ ବାତିଲ କରିଥିଲେ। ଏୟାର ଇଣ୍ଡିଆ ୨୭ ପ୍ରତିଶତ ଓ ଇଣ୍ଡିଗୋ ୧୭ ପ୍ରତିଶତ ଅନ୍ତର୍ଜାତୀୟ ଉଡ଼ାଣ ବାତିଲ କରିଥିଲା। ପ୍ରତି ସପ୍ତାହରେ ଏୟାର ଇଣ୍ଡିଆ ହାରାହାରି ୪୪୦୦ ଉଡ଼ାଣ କରିଥାଏ। ସେଥିରୁ ୩୬୦୦ ଉଡ଼ାଣ ଦେଶ ଭିତରେ ଓ ୮୦୦ ଉଡ଼ାଣ ଅନ୍ତର୍ଜାତୀୟ ରୁଟ୍ରେ ହୋଇଥାଏ। ତେଣୁ ଏୟାର ଇଣ୍ଡିଆ ଘରୋଇ ରୁଟ୍ରେ ୮୦୦ ଉଡ଼ାଣ ବାତିଲ କରିବ ବୋଲି କୁହାଯାଇପାରିବ। ଇନ୍ଧନ ଦରବୃଦ୍ଧି ବିମାନ ଚଳାଚଳ କମ୍ପାନିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। କାରଣ ସେମାନଙ୍କ ମୋଟ୍ ଖର୍ଚ୍ଚର ୪୦ ପ୍ରତିଶତ କେବଳ ତେଲ କିଣିବାରେ ଖର୍ଚ୍ଚ ହୋଇଥାଏ। ଗତବର୍ଷ ଅପରେସନ୍ 'ସିନ୍ଦୂର' ପରେ ପାକିସ୍ତାନ ଏହାର ବାୟୁସୀମାକୁ ଭାରତୀୟ ଏୟାରଲାଇନ୍ ?ମାନଙ୍କ ପାଇଁ ବନ୍ଦ କରିଥିଲା। ତେଣୁ ୟୁରୋପକୁ ଯାଉଥିବା ବିମାନଗୁଡ଼ିକ ଲମ୍ବା ଦୂର ଯାତ୍ରା କରିବାକୁ ପଡୁଛି। ସେଥିପାଇଁ ଅଧିକ ତେଲ ଦରକାର ହେଉଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅଶୋଧିତ ତେଲ ଦର ୧୦୦ ଡଲାର ଉପରେ ରହୁଛି। ସେଥିପାଇଁ ବିମାନ ଇନ୍ଧନ ମୂଲ୍ୟରେ ବ୍ୟାପକ ବୃଦ୍ଧି ହୋଇଛି। କିଛି ମଧ୍ୟପ୍ରାଚ୍ୟ ଦେଶ ବାୟୁସୀମାରେ ମଧ୍ୟ କଟକଣା ଲଗାଇଛନ୍ତି। ତାହା ଭାରତୀୟ ଏୟାରଲାଇନ୍ସଗୁଡ଼ିକର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି।

ହାଇଡ୍ରୋଜେନ ଟ୍ରେନ ଚଳାଚଳକୁ ଅନୁମୋଦନ

ନୂଆଦିଲ୍ଲୀ,୨୮/୫: ସ୍ୱଚ୍ଛ ଓ ସ୍ଥାୟୀ ପରିବହନ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳ ବିଭାଗ ଏକ ୧୦ ଡବା ବିଶିଷ୍ଟ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ଚାଳିତ ଟ୍ରେନ ଚଳାଇବାକୁ ଅନୁମୋଦନ କରିଛି। ଉତ୍ତର ରେଳୱେର ଜିନ୍ଦ-ସୋନିପତ୍ ସେକ୍ସନରେ ଖୁବଶୀଘ୍ର ଚାଲିବାକୁ ଥିବା ଏହି ରେଳଗାଡ଼ି ଏକ ୧୨୦୦ କିଲୋୱାଟ୍ ହାଇଡ୍ରୋଜେନ ଫୁଏଲ୍ ସେଲ୍ ପ୍ରୋପଲ୍ସନ ସିଷ୍ଟମ୍ ଦ୍ୱାରା ଚାଳିତ ଓ ଏହା ଘଣ୍ଟାପ୍ରତି ସର୍ବାଧିକ ୭୫ କିମି ବେଗରେ ଗତି କରିପାରିବ। ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ପ୍ରଯୁକ୍ତିବିଦ୍ୟା ଉଦ୍ ?ଯାନ ବ୍ୟବହାର କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ କରେ, ଏହି ପ୍ରକ୍ରିୟାରେ କେବଳ ଜଳୀୟ ବାଷ୍ପ ନିର୍ଗତ ହୁଏ। ତେଣୁ ଏହା ପାରମ୍ପରିକ ଜୀବାଶ୍ମ ଇନ୍ଧନ-ଆଧାରିତ ଟ୍ରେନ ବ୍ୟବସ୍ଥାର ଏକ ସ୍ୱଚ୍ଛ ବିକଳ୍ପ ଭାବରେ କାର୍ଯ୍ୟ କରେ। ହାଇଡ୍ରୋଜେନ୍-ଆଧାରିତ ଟ୍ରେନ

ଇରାନ ଯୁଦ୍ଧ : କୁଏତ୍ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ

ତେହେରାନ,୨୮/୫: ଆମେରିକା ଗୁରୁବାର ଇରାନ ଉପରେ ପୁଣି ଥରେ ଆକ୍ରମଣ କରିଛି। ଆମେରିକା ଇରାନର ସାମରିକ ଘାଟି ଓ ବନ୍ଦର ଆବାସ ବନ୍ଦର ଉପରେ ବଡ଼ଧରଣର ଆକ୍ରମଣ କରିଛି। ତେବେ ଇରାନ ଗଣମାଧ୍ୟମ ଆମେରିକା ଆକ୍ରମଣ ଯୋଗୁ କୌଣସି କ୍ଷୟକ୍ଷତି ହୋଇନଥିବା କହିଛି। ଅନ୍ୟପକ୍ଷରେ, ଇଦ୍ ପର୍ବ ପାଳନ ସମୟରେ କୁଏତ୍ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ରେ ଆକ୍ରମଣ ହୋଇଛି। କୁଏତ୍ ସେନା ପକ୍ଷରୁ କୁହାଯାଇଛି ଯେ, କୁଏତ୍ ବାୟୁ ପ୍ରତିରକ୍ଷା ପକ୍ଷରୁ ଶତ୍ରୁପକ୍ଷ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣର ଜବାବ ଦିଆଯାଇଥିଲା। ଆକ୍ରମଣ ସମୟରେ ଦେଶର ବିଭିନ୍ନ ସ୍ଥାନରେ ସାଇରନ୍ ବାଜିଥିଲା। ନାଗରିକମାନଙ୍କୁ ଏକ ସତର୍କତା ବାର୍ତ୍ତାରେ କୁଏତ୍ ସଶସ୍ତ୍ର ବାହିନୀ କହିଛି ଯେ, ଯଦି ବିସ୍ଫୋରଣ ଶବ୍ଦ ଶୁଣାଯାଏ, ତେବେ ଏହା ଶତ୍ରୁ ଆକ୍ରମଣକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ପ୍ରତିରୋଧ କରିବାର ଫଳାଫଳ। ସମର୍ଥିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ସୁରକ୍ଷା ଓ ନିରାପତା ନିର୍ଦ୍ଦେଶାବଳୀ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରୁଛୁ ବୋଲି ସେମାନେ ଆହୁରି କହିଛନ୍ତି। ଇରାନର ତସନିମ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି ଯେ, ହର୍ମୁଜ୍ ପ୍ରଣାଳୀରେ ଅବସ୍ଥିତ ବନ୍ଦର ଆବାସ ସହର ନିକଟରେ ପୂର୍ବରୁ ହୋଇଥିବା ଆମେରିକା ଆକ୍ରମଣର ଜବାବରେ ଇରାନୀ ସେନା ଏହି ଅଂଚଳରେ ଥିବା ଏକ ଆମେରିକୀୟ ବିମାନ ଘାଟି ଉପରେ ଆକ୍ରମଣ କରିଥିଲା। ଖବର ସରବରାହ ସଂସ୍ଥା ରଏଟର୍ସ ଓ ଏପି ରିପୋର୍ଟ କରିଛନ୍ତି ଯେ, ଆମେରିକୀୟ ସେନା ଚାରିଟି ଇରାନୀ ଡ୍ରୋନକୁ ଗୁଳି କରି ଖସାଇ ଦେଇଛନ୍ତି ଓ ବନ୍ଦର ଆବାସରେ ଏକ ଗ୍ରାଉଣ୍ଡ କଣ୍ଟ୍ରୋଲ ଷ୍ଟେସନ ଉପରେ ଆକ୍ରମଣ କରିଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲୀ ସେନା କହିଛି ଯେ, ଉତ୍ତର ଇସ୍ରାଏଲର ଅଂଚଳରେ ଶତ୍ରୁପକ୍ଷ ବିମାନ ଅନୁପ୍ରବେଶର ସତର୍କତା ସାଇରନ୍ ବାଜିଥିଲା। ଇସ୍ରାଏଲ ପୁଣିଥରେ ଇରାନ ସମର୍ଥିତ ହିଜବୁଲ୍ଲା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।

ଓମାନକୁ କଡ଼ା ଧମକ; ହର୍ମୁଜ ପ୍ରଣାଳୀ ସମସ୍ତଙ୍କ ପାଇଁ ଖୋଲା ରହିବ : ଟ୍ରମ୍ପ



ୱାସିଂଟନ,୨୮/୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସହଯୋଗୀ ରାଷ୍ଟ୍ର ଓମାନ ବିରୋଧରେ ସିଧାସଳଖ ସାମରିକ କାର୍ଯ୍ୟାନୁଷ୍ଠାନ ଧମକ ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଯଦି ଓମାନ ଇରାନକୁ ସମର୍ଥନ କରେ, ତେବେ ଆମେରିକା ଏହା ବିରୋଧରେ ଖୁବ୍ କଠୋର ଆଭିମୁଖ୍ୟ ଗ୍ରହଣ କରିବ ଓ ଓମାନ ଉପରେ ଆକ୍ରମଣ କରିବ। ଟ୍ରମ୍ପ ବୁଧବାର ଏକ ଗଣମାଧ୍ୟମ ଆଲୋଚନା ସମୟରେ ଏହି ବିବୃତି ଦେଇଛନ୍ତି। ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପ୍ରସଙ୍ଗରେ ଇରାନର ପକ୍ଷ ନେଲେ ଓମାନ ଉପରେ ଆକ୍ରମଣ କରିବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ଉପରେ ଆମେରିକାର ସ୍ଥିତିକୁ ଆହୁରି ସ୍ପଷ୍ଟ କରି କହିଛନ୍ତି, ଆମେ ଏହାକୁ ନିରୀକ୍ଷଣ କରିବୁ, କିନ୍ତୁ କେହି ଏହାକୁ ନିୟନ୍ତ୍ରଣ କରିବେ ନାହିଁ। ଓମାନ ଇରାନ ସହିତ କିଛି ପରିମାଣରେ ସମନ୍ୱୟ ରଖୁଛି ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ଆମେରିକା ରାଷ୍ଟ୍ରପତିଙ୍କ ଏହି ବିବୃତି ଆସିଛି। ପାରମ୍ପାରିକ ଭାବରେ ଓମାନକୁ ଏହି ଅଂଚଳରେ ଆମେରିକାର ଏକ ଘନିଷ୍ଠ ସହଯୋଗୀ ଭାବରେ ବିବେଚନା କରାଯାଉଛି, କିନ୍ତୁ ସାମ୍ପ୍ରତିକ ଘଟଣାକ୍ରମ ଏହି ସମ୍ପର୍କକୁ ଖରାପ କରିଛି। ଏକ ଗଣମାଧ୍ୟମ ବ୍ରିଫିଂ ସମୟରେ ଯେତେବେଳେ ଟ୍ରମ୍ପଙ୍କୁ ପଚରାଗଲା ଯେ, ସେ ଇରାନ ଓ ଓମାନକୁ ହର୍ମୁଜ ପ୍ରଣାଳୀ ନିୟନ୍ତ୍ରଣ କରିବାକୁ ଅନୁମତି ଦେବା ପାଇଁ ଏକ କ୍ଷଣସ୍ଥାୟୀ ଚୁକ୍ତିକୁ ଗ୍ରହଣ କରିବେ କି, ସେ ଏକ ବିଶେଷ ଆକ୍ରମଣାତ୍ମକ ପ୍ରତିକ୍ରିୟା ଦେଇଥିଲେ। ସେ କହିଥିଲେ, ଓମାନକୁ ଅନ୍ୟ ଯେକୌଣସି ଦେଶ ପରି ଆଚରଣ କରିବାକୁ ପଡିବ, ନଚେତ୍ ଆମକୁ ସେମାନଙ୍କୁ ଉଡ଼ାଇ ଦେବାକୁ ପଡିବ। ଟ୍ରମ୍ପ କହିଲେ,ସେମାନେ ଏହା ବୁଝନ୍ତି, ସେମାନେ ଠିକ୍ ହୋଇଯିବେ। ତଥାପି ଜାହାଜଗୁଡ଼ିକୁ ମୁକ୍ତ ଭାବରେ ଚଳାଚଳ କରିବାକୁ ଅନୁମତି ଦେବା ପାଇଁ ଆମେରିକା କ'ଣ ପଦକ୍ଷେପ ନେବ ତାହା ଟ୍ରମ୍ପ ସ୍ପଷ୍ଟ କରିନାହାନ୍ତି। ଅନ୍ୟପକ୍ଷରେ ଇରାନର ଶାନ୍ତି ପ୍ରସ୍ତାବରେ ଟ୍ରମ୍ପ ସନ୍ତୁଷ୍ଟ ନୁହେଁ। ଶାନ୍ତି ଚୁକ୍ତିର ଉପରେ ଆମେରିକା ଓ ଇରାନ ପ୍ରତିନିଧିମଣ୍ଡଳୀ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ଟ୍ରମ୍ପ କହିଛନ୍ତି ଯେ ସେ ଏପର୍ଯ୍ୟନ୍ତ ଇରାନର ପ୍ରସ୍ତାବଗୁଡ଼ିକ ଉପରେ ସନ୍ତୁଷ୍ଟ ନୁହନ୍ତି। ଏହି ସପ୍ତାହାନ୍ତରେ ଏକ ଚୁକ୍ତି ନିକଟତର ହେବା କଥା କହିବା ସତ୍ତ୍ୱେ, ଟ୍ରମ୍ପ କ୍ୟାବିନେଟ ବୈଠକରେ ସ୍ପଷ୍ଟ କରିଥିଲେ ଯେ ମଧ୍ୟପ୍ରାଚ୍ୟ ଯୁଦ୍ଧ ସମାପ୍ତ କରିବାକୁ ସେ ବ୍ୟସ୍ତ ନୁହନ୍ତି। ସେ ସ୍ପଷ୍ଟ କରିଥିଲେ ଯେ, ଯଦି କୂଟନୀତି ବିଫଳ ହୁଏ ତେବେ ସାମରିକ ବିକଳ୍ପ ଖୋଲା ରହିଛି। ଏହାପୂର୍ବରୁ ଇରାନର ସରକାରୀ ଟେଲିଭିଜନ ଏକ ଡ୍ରାଫ୍ଟ ଚୁକ୍ତିନାମା ଥିବା ଦାବି କରି ରିପୋର୍ଟ କରିଥିଲା ଯେ, ୱାସିଂଟନ ସହିତ ବୁଝାମଣାପତ୍ରର ରୂପରେଖରେ ଇରାନ ଉପରେ ନୌସେନା ଅବରୋଧ ଉଠାଇବା, ହର୍ମୁଜ ପ୍ରଣାଳୀରେ ଯାତାୟାତ ପୁନଃସ୍ଥାପିତ କରିବା ଓ ଉପସାଗରରୁ ଆମେରିକୀୟ ସେନା ପ୍ରତ୍ୟାହାର କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ଅନ୍ତର୍ଭୁକ୍ତ। ହ୍ୱାଇଟ୍ ହାଉସ୍ ଇରାନ ଗଣମାଧ୍ୟମ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି ଏହାକୁ କପୋଳକଳ୍ପିତ ବୋଲି କହିଛି।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସ୍ୱତନ୍ତ୍ର ସଘନ ସଂଶୋଧନକାର୍ଯ୍ୟକ୍ରମର ସୁପରିଚାଳନା ନେଇ ପ୍ରସ୍ତୁତି ବୈଠକ

କେନ୍ଦୁଝର,୨୮/୫(ନି/ପ୍ର): ରାଜ୍ୟରେ ଚଳିତ ମଇ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନକାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ମାନେ ସାମିଲ ହୋଇଥିଲେ।ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ’ ସମୟରେ ବି ଏଲ ଓ ମାନେ ଘରକୁ ଘର ବୁଲି ସର୍ଭେପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସୋସିଆଲ ମିଡିଆରେ ଏସ ଆଇ ଆର କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି।ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ। ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମ କୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଂଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ।ଭୋଟର ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହାର କିପରି ବହୁଳ ଭାବରେ ପ୍ରଚାର ପ୍ରସାର କରାଯାଇପାରିବ ସେ ଉପରେ ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ସମସ୍ତ ଜିଲ୍ଲାର ମିଡ଼ିଆ ସେଲ, ସୋସିଆଲ ମିଡ଼ିଆ ସେଲ ର ମୁଖ୍ୟ ଓ ଡିଆଇପିଆରଓ ମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ନିର୍ବାଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଡେପୁଟି କଲେକ୍ଟର (ନିର୍ବାଚନ) ଓ ନୋଡାଲ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି।ଅନଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସକ୍ରିୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଙ୍କ ସମେତ ଡ଼େପୁଟି ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପୌରପାଳିକା କାର୍ଯ୍ୟାଳୟରେ ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା ବୈଠକ

କେନ୍ଦୁଝର,୨୮/୫(ନି/ପ୍ର): କେନ୍ଦୁଝରଗଡ଼ ପୌରପାଳିକା ଅଂଚଳରେ ଆଗାମୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରପାଳିକାର ମାନ୍ୟବର ଉପ-ଅଧ୍ୟକ୍ଷ ସମସ୍ତ ୱାର୍ଡର କାଉନସିଲର, ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଂଟ ଏବଂ ସୁପରଭାଇଜରମାନେ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିଶେଷ କରି ପ୍ରତିଟି ୱାର୍ଡରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ସାମିଲ କରିବା, ଦ୍ୱିବାର ନାମ ଥିବା କିମ୍ବା ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମକୁ ଚିହ୍ନଟ କରି ତାଲିକାରୁ ବାଦ୍ ଦେବା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହି ସାଂଗଠନିକ କାର୍ଯ୍ୟକୁ ସଫଳ କରିବା ପାଇଁ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଏବଂ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଓ ଦୈନିକ ରିପୋର୍ଟିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଭୋଟର ତାଲିକାକୁ ଶତପ୍ରତିଶତ ସଠିକ୍ କରିବା ପାଇଁ କାଉନସିଲର ଏବଂ ବିଭିନ୍ନ ଦଳର ବୁଥ୍ ସ୍ତରୀୟ ଏଜେଂଟମାନେ ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ ସୁପରଭାଇଜର ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ବୁଥ୍ ସ୍ତରୀୟ ଅଧିକାରୀ ସୁପରଭାଇଜର ମାନେ ପ୍ରତିଟି ବୁଥ୍‌ର କାର୍ଯ୍ୟକ୍ଷେତ୍ରକୁ ନିୟମିତ ଭାବେ ପରିଦର୍ଶନ କରି ତଦାରଖ କରିବେ। ପୌରପାଳିକା ଅଂଚଳରେ କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟ୍ ଦେବାରୁ ବଂଚିତ ନହୁଅନ୍ତି, ସେଥିପାଇଁ ୱାର୍ଡ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ପୌରପାଳିକାର ବରିଷ୍ଠ ଅଧିକାରୀମାନେ ବୈଠକ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କ ଠାରୁ କାର୍ଯ୍ୟକ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ମତାମତ ଗ୍ରହଣ କରିଥିଲେ। ଶେଷରେ, ଏହି ସରକାରୀ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ।

ଶରତ ନନ୍ଦଙ୍କୁ ୨ ବର୍ଷ ଜେଲ ଦଶହଜାର ଜୋରିମାନା

କେନ୍ଦୁଝର,୨୮/୫(ନି/ପ୍ର): କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଆଜି ଏକ ଦୁର୍ନୀତି ମାମଲା ର ବିଚାର କରି ଚମ୍ପୁଆ ବ୍ଲକ ର ପୂର୍ବତନ ଉନ୍ନୟନ କିରାଣୀ ଶରତ ଚନ୍ଦ୍ର ନଂଦ (ଅବସରପ୍ରାପ୍ତ)ଙ୍କୁ ଦୁଇବର୍ଷ ଜେଲ ଦଣ୍ଡାଦେଶ ସହିତ ଦଶ ହଜାର ଟଙ୍କା ଜୋରିମାନା କରିଛନ୍ତି ,୨୦୦୪-୦୫ ଓ ୨୦୦୫-୦୬ ମସିହାରେ ଶ୍ରୀ ନଂଦ ଚମ୍ପୁଆ ବ୍ଲକ ରେ ଉନ୍ନୟନ କ୍ଲର୍କ ଭାବେ ଅବସ୍ଥାପିତ ସମୟରେ ସରକାରୀ ଅର୍ଥ ଆତ୍ମସାତ ସହିତ ସିମେଂଟ ଷ୍ଟକ ହେରଫେର କରି ଭିଜିଲାନ୍ସ ଦ୍ୱାରା ଧରପଡ଼ିଥିଲେ , ଭିଜିଲାନ୍ସ କେସ ନମ୍ବର ୧୩/(୨)ଆର/ଡବ୍ଲୁ ୧୩(୧)(ସି)ଅଫ ପିସି ଆକ୍ଟ ୧୯୮୮/୪୦୯/୪୬୮/୪୭୧ ଆଇପିସି ଧାରା ରେ ଗିରଫ ହୋଇଥିଲେ ,ଏହି ଦଣ୍ଡାଦେଶ ପରେ ଭିଜିଲାନ୍ସ ବିଭାଗ ଶ୍ରୀ ନନ୍ଦଙ୍କ ପେନସନ କୁ ବନ୍ଦ ନିମନ୍ତେ ସମ୍ପୃକ୍ତ ବିଭାଗ କୁ ପତ୍ର ଦ୍ୱାରା ଅନୁରୋଧ କରିଛି।

ଓଡିଶା ସିଭିଲ ସର୍ଭିସକେ ଜୟପୁରର ଯୁବକ ସନ୍ତୋଷ ୨୨ତମ ରେଙ୍କ୍

ଜୟପୁର,୨୮/୫(ନି/ପ୍ର): କୋରାପୁଟ ଜିଲ୍ଲା ଜୟପୁର ସହରର ଜୟନଗର ଅଂଚଳର ଯୁବକ ସନ୍ତୋଷ କୁମାରା ପଣ୍ଡା ଚଳିତ ବର୍ଷ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ରାଜ୍ୟର ୨୨ ତମ ରେଙ୍କ ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଏହିପରି ବର୍ତ୍ତମାନ ସେ ରାଜନୈତିକ ବିଜ୍ଞାନରେ ସ୍ନାତକତୋର କରିବା ପରେ ହାଇଦ୍ରାବଦ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଠାରେ ପି.ଏଚଡି କରୁଛନ୍ତି ।

ବ୍ରହ୍ମପୁରରେ ପୁଣି ୨ଜଣଙ୍କୁ ଏନକାଉଟଂର

ଗଂଜାମ, ୨୮/୫(ନି/ପ୍ର): ବ୍ରହ୍ମପୁର ରେ ପୁଣି ଗତକାଲି ବିଳମ୍ବିତ ରାତିରେ ଦୁଇ ଜଣଙ୍କୁ ପୁଲିସ ଏନକାଉଟଂର କରିଛି। ଗୋପାଳପୁର ପ୍ଲଟ ବ୍ୟବଅୟୀ ସୁଧୀର ପାତ୍ରଙ୍କୁ ଅପହରଣ ଓ ହତ୍ୟା କାଣ୍ଡ ମାମଲାର ଅନ୍ୟତମ ଦୁଇ ମୁଖ୍ୟ ଅଭିଯୁକ୍ତ ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡାଙ୍କୁ ରନ୍‌ପୁରଠାରେ ପୁଲିସ ଏନକାଉଟଂର କରିଛି। ଏହାକୁ ମିଶାଇ ଗତ ୧୧ ଦିନ ମଧ୍ୟରେ ୫ଜଣ ପୁଲିସ ଦ୍ୱାରା ଏନକାଉଟଂରର ଶୀକାର ହେଲେଣି। ଦୁଇ ଆହତଙ୍କ ଗୋଡ଼ରେ ଗୁଳିମାଡ଼ ହୋଇଛି। ଏହି ଦୁଇଜଣଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ବିଏମ୍ ସିର ୪୧ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୮/୫(ନି/ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ୪୧ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, କମିଶନର ଶ୍ରୀ ଚଂଚଳ ରାଣା, ଅତିରିକ୍ତ କମିଶନର ଶ୍ରୀମତୀ ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଶ୍ରୀ ଦୀପକ ରଂଜନ ବେହେରା, ଜୋନାଲ କମିଶନର ଅଶନୀ ଏ.ଏଲ୍. ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର, ସଂଯୁକ୍ତ ବିଭାଗର ଅଧିକାରୀ, ବିଏମ୍ ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ବୈଠକ ଆରମ୍ଭରୁ କମିଶନର ଚଂଚଳ ରାଣା ସ୍ୱାଗତ ଅଭିଭାଷଣରେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଜନସାଧାରଣ, ବୁଲା ପଶୁ ପକ୍ଷୀଙ୍କ ସହ ପରିବେଶର ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବଗତ କରାଇଥିଲେ । ଗ୍ରୀଷ୍ମ ପ୍ରବାହରୁ ପଥଚାରୀଙ୍କୁ ସୁରକ୍ଷା ଦେବା ପାଇଁ ପୂର୍ବରୁ କେବଳ ଏଜି ଛକରେ ସ୍ଥାୟୀ ସେଡ୍ ନିର୍ମାଣ କରାଯାଇଥିଲା । ଏବେ ରୁପାଲୀ ଛକ ଓ ପାୱାର ହଉସ ଛକରେ ସ୍ୱତନ୍ତ୍ର ସ୍ଥାୟୀ ସେଡ୍ ନିର୍ମାଣ କରାଯାଉଥିବା ଅବଗତ କରାଇଥିଲେ । ସେହିପରି ବିଭିନ୍ନ ଅଂଚଳରୁ ଆସୁଥିବା ଲୋକେ କିମ୍ବା ବିଭିନ୍ନ ସ୍ଥାନକୁ ଯିବାପାଇଁ ବସ୍ ଷ୍ଟାଣ୍ଡରେ ଲୋକମାନଙ୍କୁ ପ୍ରବଳ ଖରାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ସେଥିରୁ ରକ୍ଷା ପାଇବା ପାଇଁ କଳ୍ପନା ଓ ଫାୟାରଷ୍ଟେସନ ଛକଠାରେ ଦୁଇଟି ଶୀତଳ ବିଶ୍ରାମ ସ୍ଥଳ ଖୋଲାଯାଇଛି । ଆଗାମୀ ଦିନରେ ଆଉ ଦୁଇଟି ଶୀତଳ ବିଶ୍ରାମସ୍ଥଳ ଖୋଲା ଯିବ । କେବଳ ସେତିକି ନୁହେଁ, ସହର ଭିତରେ ଥିବା ୧୦ ଗୋଟି ପ୍ରମୁଖ ସ୍ଥାନରେ ଶୀତଳ ବସ୍ ଷ୍ଟପ୍ ସ୍ଥାପନ କରାଯିବ । ସେହିପରି ପ୍ରତ୍ୟେକ ୱାର୍ଡରେ ହେବ ମଲ୍ଟି ପରପୋଜ୍ ରେଷ୍ଟ ସେଡ୍ ନିର୍ମାଣ କରିବା ପାଇଁ ମଧ୍ୟ ଯୋଜନା ରହିଥିବା କୁହାଯାଇଛି । ଏହି ସବୁସ୍ଥାନରେ ବେଣାଚେରରେ ଶୀତଳ ଛାୟା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ପ୍ରାକୃତିକ ଉପାୟରେ ଲୋକମାନଙ୍କୁ ଥଣ୍ଡା ପବନ ଯୋଗାଇବା ସହ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକାଯାଇ ପାରିବ ବୋଲି କୁହାଯାଇଛି । ଲୋକମାନଙ୍କୁ ଖରାଦିନେ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ସହରରେ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନରେ ୪୦ ଗୋଟି ସୋଲାର ୱାଟର କିଓସ୍କ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଜଳଛତ୍ର ମଧ୍ୟ ଖୋଲାଯାଇଛି । ସେହିପରି ବୁଲା ଗାଇଗୋରୁ, କୁକୁର, ବିରାଡି, ମାଙ୍କଡ ଆଦି ପଶୁ ଓ ପକ୍ଷୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି ବୋଲି କମିଶନ ଗୃହକୁ ଅବଗତ କରାଇଥିଲେ । ଚଢେଇମାନଙ୍କ ପାଇଁ ବିଭିନ୍ନ ଗଛ ଓ ସେମାନଙ୍କର ସମାଗମ ସ୍ଥାନରେ ଜଳ ଓ ବସା ବ୍ୟବସ୍ଥା କରାଯାଇଛି । ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସ୍ମାର୍ଟ ସିଟିର ସ୍ମାର୍ଟ ଜନପଥରେ ସ୍ମାର୍ଟ ବେଟଂ ମଧ୍ୟ ନିର୍ମାଣ କରାଯାଇଛି । ବୁଦ୍ଧ ବିହାର, ସୁବୁଦ୍ଧିପୁର, ନିଳାଦ୍ରୀ ବିହାର ଆଦି ହାଉସିଂ ପ୍ରକଳ୍ପ, ବିଭିନ୍ନ କମ୍ୟୁନିଟ୍ ସେଟଂର, ୱାର୍ଡ ଅଫିସ ସର୍ବସାଧାରଣ ଆଶ୍ରୟସ୍ଥଳ ଆଦିରେ ରୁଫ ଟପ୍ ହ୍ୱାଇଟନର ପ୍ରଲେପ ଦେଇ ସେହି ପକ୍କା ଘରଗୁଡିକୁ ଥଣ୍ଡା ରଖିବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଉଛି । ସ୍ୱଚ୍ଛ କର୍ମୀଙ୍କ ପାଇଁ ପ୍ରତି ୱାର୍ଡରେ ମଲ୍ଟି ପ୍ରପୋଜଡ୍ ରେଷ୍ଟ ସେଡ୍ ନିର୍ମାଣ କରାଯିବ ବୋଲି କୁହାଯାଇଛି । ବିଏମ୍ ସି ଅଂଚଳରେ ଥିବା ବିଭିନ୍ନ ପ୍ରମୁଖ ଡ୍ରେନ ସହ ପ୍ରତ୍ୟେକ ୱାର୍ଡରେ ଥିବା ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ଚାଲୁ ରହିଛି ।

ଆସନ୍ତା ୩୦ରୁ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କୁ ନେଇ ପ୍ରସ୍ତୁତି ବୈଠକ

ଭଦ୍ରକ,୨୮/୫(ନି/ପ୍ର): ରାଜ୍ୟରେ ଆସନ୍ତା ମଇ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଙ୍କ ଅଧ୍ୟକ୍ଷତାରେ ଆଭାସୀ (ଭର୍ଚୁଆଲ୍) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ମାନେ ସାମିଲ ହୋଇଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ କହିଛନ୍ତି।ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ’ ସମୟରେ ବି ଏଲ ଓ ମାନେ ଘରକୁ ଘର ବୁଲି ସର୍ଭେପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ବିଶେଷ କରି ସୋସିଆଲ ମିଡିଆରେ ଏସ ଆଇ ଆର କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ। କୌଣସି ଅପପ୍ରଚାର ନଜରକୁ ଆସିଲେ, ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ତାର ସତ୍ୟାସତ୍ୟ ଉପସ୍ଥାପନ କରାଯାଇ ଖଣ୍ଡନ କରାଯିବ। ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମ କୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଂଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଂଚଳର ବୁଥ୍ ସ୍ତରୀୟ ଅଧିକାରୀ (ଙ୍କ ସହ ଆଲୋଚନା ପାଇଁ ଏକ କଲ୍ ମଧ୍ୟ ବୁକ୍ କରିପାରିବେ। ଭୋଟର ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହାର କିପରି ବହୁଳ ଭାବରେ ପ୍ରଚାର ପ୍ରସାର କରାଯାଇପାରିବ ସେ ଉପରେ ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ସମସ୍ତ ଜିଲ୍ଲାର ମିଡ଼ିଆ ସେଲ, ସୋସିଆଲ ମିଡ଼ିଆ ସେଲ ର ମୁଖ୍ୟ ଓ ଡିଆଇପିଆରଓ ମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ନିର୍ବାଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଡେପୁଟି କଲେକ୍ଟର (ନିର୍ବାଚନ) ଓ ନୋଡାଲ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି।

ଖରିଫ୍ ୨୦୨୬ ପାଇଁ ଓଡ଼ିଶା ସରକାରଙ୍କ ବ୍ୟାପକ ରଣନୀତି

ବଲାଙ୍ଗୀର,୨୮/୫(ନି/ପ୍ର): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ନେଇ ଆକଳନ କରାଯାଇଥିବା ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଖରିଫ୍ ୨୦୨୬ ଋତୁ ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଓ କୃଷି ଏବଂ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନକୁ ସମ୍ବୋଧିତ କରି ଶ୍ରୀ ସିଂହଦେଓ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଓଡ଼ିଶା ରାଜ୍ୟ ବିହନ ନିଗମକୁ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ପ୍ରମାଣିତ ବିହନର ସମୟାନୁବର୍ତ୍ତୀ ବ[ନ ସୁନିଶ୍ଚିତ କରିବାକୁ କୁହାଯାଇଛି। ଦୁର୍ଗମ ଏବଂ ସଂକଟାପନ୍ନ ଅଂଚଳକୁ ପ୍ରାଥମିକତା ଦିଆଯିବ। କମ୍ ବର୍ଷା ସମ୍ଭାବନା ଥିବା ଅଂଚଳରେ ସ୍ୱଳ୍ପ ଏବଂ ମଧ୍ୟମ ଅବଧି ବିଶିଷ୍ଟ ଧାନ, ଡାଲିଜାତୀୟ, ତୈଳବୀଜ ଓ ମିଲେଟ୍ ବିହନ ଉପରେ ଅଧିକ ଧ୍ୟାନ ଦେବାକୁ କୁହାଯାଇଛି। ଉଚ୍ଚ ଜମି ଏବଂ ବର୍ଷା ନିର୍ଭରଶୀଳ ଅଂଚଳରେ ଫସଲ ବିବିଧକରଣକୁ ପ୍ରୋତ୍ସାହନ ଦିଆଯିବ। ମୌସୁମୀ ବର୍ଷା ବିଳମ୍ବ ହେଲେ ‘କମ୍ୟୁନିଟି ନର୍ସରୀ’ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ଯେକୌଣସି ପାଣିପାଗ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଧାନ, ଡାଲି ଏବଂ ତୈଳବୀଜ ବିହନର ପର୍ଯ୍ୟାପ୍ତ ବଫର୍ ଷ୍ଟକ୍ ରଖାଯିବ। ସରକାର ମାର୍କଫେଡ୍, ପ୍ୟାକ୍ସ ଓ ଲ୍ୟାମ୍ପସ ମାଧ୍ୟମରେ ଚାଷୀଙ୍କ ପାଖକୁ ସାରର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବେ। ବିଶ୍ୱ ବଜାରର ଅନିଶ୍ଚିତତା ସତ୍ତ୍ୱେ ସାର କମ୍ପାନୀମାନଙ୍କ ଯୋଗାଣ ବ୍ୟବସ୍ଥା ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସାରର କଳାବଜାରୀ, ବେଆଇନ ମହଜୁଦ ଏବଂ ଚାଷ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହାର ହେଲେ ସରକାର ‘ଶୂନ୍ୟ ସହନଶୀଳତା’ ନୀତି ଅନୁସରଣ କରିବେ। ଏହା ପାଇଁ ଜିଲ୍ଲାପାଳମାନଙ୍କୁ ସାର ବଂଟନ ପ୍ରକ୍ରିୟା ଉପରେ ସିଧାସଳଖ ନଜର ରଖିବାକୁ କୁହାଯାଇଛି। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରରେ ସନ୍ତୁଳିତ ପୋଷକ ତତ୍ତ୍ୱ ପରିଚାଳନା, ସବୁଜ ସାର ବ୍ୟବହାର ଓ ଜଳ ସଂରକ୍ଷଣ ପଦ୍ଧତିକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ଜିଲ୍ଲା ସ୍ତରରେ ବିଶେଷ ଅଭିଯାନ ଚାଲିବ। ଚାଷୀଙ୍କ ଆର୍ଥିକ ବୋଝ କମାଇବାକୁ ଓଡ଼ିଶା ସରକାର ଚାଷୀଙ୍କ ଭାଗର ପ୍ରିମିୟମ୍ ସମ୍ପୂର୍ଣ୍ଣ ବହନ କରୁଛନ୍ତି। ଚାଷୀଙ୍କୁ କେବଳ ୧ ଟଙ୍କା ଟୋକନ୍ ଦେୟ ଦେବାକୁ ପଡ଼ିବ। ସେହିପରି, ଚଗ-କଓଝଇଘ, ଉଗ-କଓଝଇଘ ସହାୟତା, ରିହାତି ଦରରେ ସାର ଓ ବିହନ କ୍ରୟ ଏବଂ ମଣ୍ଡି ସୁବିଧା ପାଇବା ପାଇଁ କୃଷକ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଜିଲ୍ଲା ପ୍ରଶାସନକୁ ଶୀଘ୍ର ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ମିଳିଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତାହାର କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ପାଣିପାଗ ଆଧାରିତ ଏବଂ ଆଂଚଳିକ କୃଷି ପରାମର୍ଶ ପ୍ରଦାନ କରିବ। ରୋଗପୋକ ପରିଚାଳନା ଓ ପ୍ରତିକୂଳ ପରିସ୍ଥିତି ସହନଶୀଳ ଫସଲ କିସମ ସମ୍ବନ୍ଧରେ ମଧ୍ୟ ବୈଷୟିକ ସହାୟତା ଯୋଗାଇଦିଆଯିବ। ଡିଜିଟାଲ୍ ପ୍ରସାର ପାଇଁ ଜିଲ୍ଲା ଏବଂ ରାଜ୍ୟ ସ୍ତରର ଏଲ୍‌ଇଡି ସ୍କ୍ରିନରେ କୃଷି ପରାମର୍ଶ ପ୍ରଦର୍ଶନ କରାଯିବ। ସେହିପରି, ସମ୍ପୂର୍ଣ୍ଣ ଖରିଫ୍ ଋତୁରେ ଜିଲ୍ଲା ଜରୁରୀକାଳୀନ ଦଳ ସକ୍ରିୟ ରହିବେ ଏବଂ କ୍ଷେତ୍ର ଅଧିକାରୀମାନେ ନିୟମିତ ଭାବେ ଗ୍ରାମ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିବେ। ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିସନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ସମବାୟ ବିଭାଗର କମିସନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ଓୟୁଏଟି କୁଳପତି ଡକ୍ଟର ପ୍ରଭାତ କୁମାର ରାଉଳ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଆଇଏମଡି ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାପାତ୍ର, ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ସହ ବିଭିନ୍ନ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜାଇଲୋ ଗାଡ଼ିରେ ଗୋରୁ ଚାଲାଣ ବେଳେ ପୋଲିସ ଚଢ଼ାଉ, ଗାଡ଼ି ସହ ଗୋରୁ ଜବତ

ଭଦ୍ରକ,୨୮/୫(ନି/ପ୍ର): ଏହି ଜିଲାର ଧାମନଗର ଥାନା ପୋଲିସ ପକ୍ଷରୁ ଗୋରୁ ଚାଲାଣ ଅଭିଯୋଗରେ ଏକ ଜାଇଲୋ ଗାଡ଼ି ଉପରେ ଚଢ଼ାଉ କରାଯାଇ ଗାଡ଼ି ସହ ଗୋଟିଏ ଗୋରୁକୁ ଜବତ କରାଯାଇଛି। ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଯାଇଥିବାବେଳେ ପୋଲିସ ତାହାର ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଦୋବଲ ପଟରୁ ଧାମନଗର ଅଭିମୁଖେ ଓଆର-୦୯ପି-୬୭୨୯ ନମ୍ବର ବିଶିଷ୍ଟ ଏକ ଜାଇଲୋ ଗାଡ଼ିରେ ଅବୈଧ ଭାବେ ଗୋରୁ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଖବର ପାଇ ପୋଲିସ ତୁରନ୍ତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଗାଡ଼ି ଚାଳକ ଥାନା ନିକଟ ମୁଲଣା ସାହି ଗ୍ରାମ ଭିତରକୁ ଗାଡ଼ି ନେଇ ପଳାଇବାକୁ ଉଦ୍ୟମ କରିଥିଲା। ତେବେ ପୋଲିସ ପିଛା କରିବାରୁ ସେବାଶ୍ରମ ନିକଟରେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା। ପରେ ପୋଲିସ ଗାଡ଼ି ଯାଂଚ କରିବାବେଳେ ଭିତରୁ ଗୋଟିଏ ଗୋରୁ ଉଦ୍ଧାର କରିଥିଲା। ଗାଡ଼ିକୁ ଜବତ କରାଯାଇ ଥାନାକୁ ଅଣାଯାଇଥିବା ବେଳେ ଫେରାର ଚାଳକଙ୍କ ସନ୍ଧାନରେ ପୋଲିସ ତଦନ୍ତ ଚାଲୁ ରଖିଛି।

ବିବିଧା

ରାଶିଫଳ

ମେଷ: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

ବୃଷ: ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

ମିଥୁନ: ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

କର୍କଟ: ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ସିଂହ: ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

କନ୍ୟା: ନୂଆ ଉଦ୍ୟୋଗରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

ତୁଳା: ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ବିଛା: ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

ଧନୁ: ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ମକର: ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

କୁମ୍ଭ: ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ମନୋଜ୍ଞାନରେ କୃତକାର୍ଯ୍ୟ ହେବେ।

ମୀନ: ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

ଆଜିର ଇତିହାସ

- ୧୮୮୩- ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସାବରକରଙ୍କ ଜନ୍ମ।
- ୧୯୬୯- ଦୁଇଟି ଆମେରିକୀୟମାନଙ୍କ ମହାକାଶକୁ ଯାତ୍ରା କଲେ।
- ୧୯୯୬- ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅଟଳ ବିହାରୀ ବାଜପେୟୀ।
- ୧୯୯୮ -ପାକିସ୍ତାନ ପାଞ୍ଚଟି ଭୂମିଗତ ପରମାଣୁ ପରୀକ୍ଷା କଲା।
- ୨୦୦୮ - ନେପାଳରେ ୨୪୦ ବର୍ଷ ଧରି ଚାଲି ଆସୁଥିବା ରାଜତନ୍ତ୍ରର ବିଲୋପ।

'ଲଗାନ୍' ଯୋଡ଼ି ଏକାଠି କାମ କରିବା ନେଇ ଅନିଶ୍ଚିତତା

ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ମିଷ୍ଟର ପରଫେକ୍ସନିଷ୍ଟ ଅମିର୍ ଖାନ୍ ଏବେ ସନ୍ନି ଦେଓଲଙ୍କ ଫିଲ୍ମ 'ଲାହୋର ୧୯୪୭'ର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ରାଜକୁମାର ହିରାନୀ ଅଛନ୍ତି। କିଛି ଦିନ ପୂର୍ବରୁ ଅମିର୍, ଦୀର୍ଘ ୨୫ ବର୍ଷ ପରେ ଆଶୁତୋଷ ଗୋୱାରିକରଙ୍କ ସହ କାମ କରିବେ ବୋଲି ଖବର ପ୍ରକାଶ ପାଇଥିଲା। କ୍ରିକେଟର୍ ଲାଲା ଅମରନାଥଙ୍କ ବାୟୋପିକ୍ ପାଇଁ ଆଶୁତୋଷ, ଅମିର୍‌ଙ୍କୁ ସାଇନ୍ କରିଥିବା କୁହାଯାଇଥିଲା। ଫରହାନ୍ ଅଖତର୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିପାରନ୍ତି ବୋଲି ସୂଚନା ଦିଆଯାଇଥିଲା। ଏହାପୂର୍ବରୁ ଆଶୁତୋଷ ଓ ଅମିର୍ ୨୦୦୧ ମସିହାରେ ଏକାଠି 'ଲଗାନ୍' ଫିଲ୍ମରେ କାମ କରିଥିଲେ। ହେଲେ ଏବେ ଏହି କଥା ଉପରେ ଖୋଦ୍ ଆଶୁତୋଷ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ଆଶୁତୋଷ କହିଛନ୍ତି, 'ଫିଲ୍ମର କାହାଣୀ ଲେଖା ସରିଛି, ହେଲେ ଏଯାବତ୍ ଆମେ କଳାକାର ଫାଇନାଲ କରିନୁ। ଏହାର କାହାଣୀ ଯେପରି ଲେଖାଯାଇଛି, ସେମିତି କଳାକାର ଲୋଡ଼େ ମିଳୁନାହାନ୍ତି।' ତେବେ ଆଶୁତୋଷଙ୍କ କଥାରୁ ଏହି ଫିଲ୍ମ ପାଇଁ ଅମିର୍‌ଙ୍କୁ ଏଯାବତ୍ ଫାଇନାଲ କରାଯାଇ ନାହିଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି।

ଏଆଇ ସରକାର

ଫିଲିପାଇନ୍ସର ଏକ ଛୋଟ ଦ୍ୱୀପରେ ଏଆଇ ସରକାର ଗଠନ ପାଇଁ ପ୍ରସ୍ତୁତି ଚାଲିଛି। ଭବିଷ୍ୟତର ସରକାର ମାନବ ବଦଳରେ ଏଆଇ ସିଷ୍ଟମ ମାଧ୍ୟମରେ ଅଧିକ ସଚ୍ଚୋଟତା, ଦ୍ରୁତ ଏବଂ ନିରପେକ୍ଷ ଭାବେ କାମ କରିବ ବୋଲି ଏହି ପ୍ରୋଜେକ୍ଟରେ ଦାବି କରାଯାଉଛି। ତେଣୁ ଏହି ଗବେଷଣା ପୁରା ବିଶ୍ୱରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହି ନିଆରା ପ୍ରୋଜେକ୍ଟର ଆଗରେ ବ୍ରିଟେନର ଟେକ୍ ଉଦ୍ୟୋଗୀ ଡେନ୍ ଥମସନ୍ କରିଛନ୍ତି। ସେ ଫିଲିପାଇନ୍ସର ପ୍ଲାଲାନ ଦ୍ୱୀପପୁଞ୍ଜ ପାଖରେ ଏକ ୩.୬ ବର୍ଗ କିଲୋମିଟରର ଏକ ଛୋଟ ଅଞ୍ଚଳକୁ ମାଇକ୍ରୋନେସନ ତଥା ଛୋଟ ସ୍ୱାଧୀନ ଅଞ୍ଚଳ ଭାବେ ବିକଶିତ କରିଥିବା ଦାବି କରିଛନ୍ତି। ତେବେ ଏଠାକାର ଶାସନ ବ୍ୟବସ୍ଥାକୁ ଏଆଇ ମାଧ୍ୟମରେ ପରିଚାଳିତ କରିବା ପାଇଁ ଯୋଜନା କରାଯାଉଛି। ଏଠାରେ ଏଆଇ ଆଧାରିତ ଡିଜିଟାଲ କ୍ୟାବିନେଟ୍ ତିଆରି କରାଯିବ। ଏହି ଡିଜିଟାଲ ନେତାମାନେ ବିଶ୍ୱର ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପ୍ରେରିତ ବୋଲି କୁହାଯାଉଛି। ଏଆଇ କ୍ୟାବିନେଟ୍‌ରେ ମହାତ୍ମା ଗାନ୍ଧୀ, ନେଲସନ ମଣ୍ଡେଲା, ୱିଷ୍ଟନ ଚର୍ଚ୍ଚିଲ ଏବଂ ଅନ୍ୟ ଚର୍ଚ୍ଚିତ ନେତାଙ୍କ ବିଚାର ଆଧାରରେ ପ୍ରସ୍ତୁତ ଡିଜିଟାଲ ଅବତାର ପ୍ରସ୍ତୁତ କରାଯିବ। ସେହିପରି ଏହି ଏଆଇ ମଡେଲ କୌଣସି ନୀତି ଉପରେ ଚର୍ଚ୍ଚା କରିବ, ପରାମର୍ଶ ଦେବ ଏବଂ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଏଆଇ ଆଧାରିତ ସରକାର ମାନବ ରାଜନୀତିର ଅନେକ ସମସ୍ୟାକୁ କମ୍ କରିପାରିବ ବୋଲି ଏହି ପ୍ରୋଜେକ୍ଟ ଦାବି କରୁଛି। ଏଥିରେ ଭ୍ରଷ୍ଟାଚାର, ରାଜନୈତିକ ଚାପ, ବ୍ୟକ୍ତିଗତ ସ୍ୱାର୍ଥ ହ୍ରାସ ପାଇବ ବୋଲି କୁହାଯାଉଛି। ଏହି ଏଆଇ ସିଷ୍ଟମ ଡାଟା ଏବଂ ତଥ୍ୟ ଆଧାରରେ ନିଷ୍ପତ୍ତି ନେବାକୁ ଚେଷ୍ଟା କରିବ। ତେବେ ପ୍ରୋଜେକ୍ଟ ସହ ଜଡ଼ିତ ଲୋକେ ଭାବୁଛନ୍ତି, ଭବିଷ୍ୟତରେ ଅନେକ ଦେଶ ସେମାନଙ୍କର ପ୍ରଶାସନରେ ଏଆଇର ସାହାଯ୍ୟ ନେବେ। ଏହାବାଦ୍ ଏଆଇ ଲଗାତାର ଶିଖିପାରିବ ଏବଂ ଶୀଘ୍ର କାମ କରିବ। ଅବଶ୍ୟ ଏହି ପ୍ରୋଜେକ୍ଟକୁ ନେଇ ସମସ୍ତେ ଉତ୍ସାହିତ ନାହାନ୍ତି। ଅନେକ ବିଶେଷଜ୍ଞ ଏବଂ ସମାଲୋଚକ ଏହାକୁ ବିପଜ୍ଜନକ ବୋଲି କହିଛନ୍ତି। ସରକାର ଚଳାଇବା କେବଳ ଡାଟା କିମ୍ବା ଆଲଗୋରିଦିମ୍‌ର କାମ ନୁହେଁ, ଏଥିରେ ମାନବ ସମ୍ବେଦନା ଏବଂ ସାମାଜିକ ବୁଝାମଣା ଜରୁରି ବୋଲି ଏହାକୁ ବିରୋଧ କରୁଥିବା ଲୋକେ କୁହନ୍ତି। ରୋଚକ ବିଷୟ ହେଉଛି, ହଜାର ହଜାର ଲୋକ ଏହି ପ୍ରୋଜେକ୍ଟ ଉପରେ ଆଗ୍ରହ ଦେଖାଇଛନ୍ତି। ୧୭ ହଜାର ଲୋକ ନାଗରିକ ହେବା ପାଇଁ ପ୍ରସ୍ତୁତ ଥିବା ଜଣାପଡ଼ିଛି। ଅନେକ ଲୋକ ପାରମ୍ପରିକ ରାଜନୀତିରେ ଦେଖାଯାଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଅତିଷ୍ଠ ହୋଇ ଏହି ଏଆଇ ଆଧାରିତ ସରକାରକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଅନ୍ୟପଟେ ଏହି ଗବେଷଣା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଭବିଷ୍ୟତରେ ରାଜନୀତି ଓ ଶାସନ ଚଳାଇବା ଦାୟିତ୍ୱ ମଧ୍ୟ ଏଆଇ ନେଇପାରେ ବୋଲି ଫିଲିପାଇନ୍ସର ଏହି ଛୋଟ ଦ୍ୱୀପଟି ସାରା ବିଶ୍ୱକୁ ଜଣାଇ ଦେଉଛି।

ବାହୁବଳୀ କୁଲର୍

ହରିୟାଣାର ଜଣେ ମିସ୍ତ୍ରୀ ରାଜସ୍ଥାନ ଗରମକୁ ଦୃଷ୍ଟିରେ ରଖି ଏମିତି ଏକ ଯୋଗାଡ଼ିଆ ବ୍ୟବସ୍ଥା ତିଆରି କରିଛନ୍ତି, ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ହରିଆଣା-ରାଜସ୍ଥାନ ସୀମାରେ ରହନ୍ତି ଅଜୟ। ସେ ଏକ ବିଶାଳକାୟ କୁଲର୍ ତିଆରି କରି ଏବେ ଚର୍ଚ୍ଚାରେ। ଏହାର ଆକାର ୭.୭.୭ ଫୁଟ। କୁଲରଟି ଏକ ସାନ୍ ଡିଏର୍‌ କେ ଫୁଟ୍ ଲାଗିଛି। ଏହା ଏତେ ବିଶାଳକାୟ ଯେ, ଏହା ଭିତରେ ଜଣେ ବ୍ୟକ୍ତି ବେଶ୍ ଆରାମରେ ଛିଡ଼ା ହୋଇପାରିବେ। ସେହିପରି ଏହି କୁଲର୍‌ରେ ୨୫୦୦ ଲିଟର ପାଣି ଧରେ। ତେଣୁ ଏହାକୁ ବାଲ୍‌ଟି କିମ୍ବା ପାଇପ୍‌ରେ ପୂର୍ଣ୍ଣ କରିବା କଷ୍ଟକର। ଅପରପକ୍ଷେ ଏହି କୁଲର୍‌କୁ ଭରିବା ପାଇଁ ଟ୍ୟାଙ୍କରର ଆବଶ୍ୟକତା ପଡ଼ିବ। ତେବେ ଉକ୍ତ କୁଲର୍ ବଡ଼ ବଡ଼ କାରଖାନା ଏବଂ ଟେଣ୍ଟ ହାଉସ୍ ଲାଗି ଉପଯୁକ୍ତ। ଏହା ୧୬୦ ଫୁଟ ଲମ୍ବ ଓ ୬୦ ଫୁଟ ଚଉଡ଼ା ଏକ ବଡ଼ ହଲ୍‌କୁ ଅଳ୍ପ ମିନିଟରେ ଥଣ୍ଡା କରିଦେଇପାରେ। ସେହିପରି ଏହି ବାହୁବଳୀ କୁଲର୍‌ର ଚାହିଦା ଏତେ ବେଶି ବଢ଼ି ଯାଇଛି ଯେ, ରାଜସ୍ଥାନରୁ ଆଗରୁ କରି ପଞ୍ଜାବକୁ ଲୋକେ ଏହାକୁ ଅର୍ଡର କରୁଛନ୍ତି। ଅନ୍ୟପଟେ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

ଭୂଲତା ଦିଶିବ ଘନ

ସାଧାରଣତଃ ଭୂଲତାକୁ ଘନ କରିବା ପାଇଁ ଅନେକେ ଆଇବ୍ରୋ ପେନ୍‌ସିଲ୍ ଲଗାଇଥାନ୍ତି। ଏହା କିଛି ସେକେଣ୍ଡ ମଧ୍ୟରେ ଭୂଲତାକୁ ଘନ କରିଥାଏ। ହେଲେ ପ୍ରାକୃତିକ ଉପାୟରେ ଭୂଲତାକୁ ଘନ ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଘରୋଇ ଜିନିଷ ଆପଣାଇପାରିବେ।

- ଦହି ଭୂଲତାକୁ ଆକର୍ଷଣୀୟ କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଦୁଇ ଚାମଚ ଦହି ନେଇ ସେଥିରେ ମହୁ କିମ୍ବା ତେଲ ଦେଇ ଏକ ଗାଢ଼ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆଇବ୍ରୋରେ ଲଗାଇ ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ସେହିପରି ଭୂଲତାକୁ ଅଧିକ ଘନ କଳାରଙ୍ଗ କରିବାକୁ ଚାହୁଁଥିଲେ ଚାରକୋଲ୍ ଭଲ ବିକଳ୍ପ ହୋଇଥାଏ। ଏଥିପାଇଁ ଆଲୋଭେରା ଜେଲ୍ ନେଇ କୋକୋଆ ପାଉଡର, ଭିଟାମିନ୍ - ଇ ଅଏଲ୍ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପରେ ନିଜ ଆବଶ୍ୟକତା ଅନୁସାରେ ଚାରକୋଲ୍ ପାଉଡର ମିଶାନ୍ତୁ। ଏହାକୁ ମସ୍କାରା ବ୍ରଶ୍‌ରେ ଭୂଲତାରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ।

ହଜିଯାଉଥିବା ସ୍ୱାଦ

କନ୍ଦମୂଳ କ୍ଷୀର ପିଠା

ସିଝା କନ୍ଦମୂଳ– ୫୦୦ ଗ୍ରାମ୍, ମଇଦା– ଅଧାକପ୍, ପାନମଧୁରୀ– ଏକ ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଚାମଚ, କଟା କାଜୁ –ଅଧା କପ୍, ଗୁଜୁରାତି ଗୁଣ୍ଡ– ଅଧା ଚାମଚ, ଚିନି – ମିଠା ଅନୁସାରେ, କ୍ଷୀର– ଅଧା କପ୍, ଲୁଣ– ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତାନୁସାରେ।

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ କନ୍ଦମୂଳରୁ ଚୋପା ଛଡ଼େଇ ଏହାକୁ ବାଉଲ୍‌ରେ ରଖି ଚକଟନ୍ତୁ। ଏହାପରେ ମଇଦା ଦେଇ ଚକଟନ୍ତୁ। କନ୍ଦମୂଳ ମଇଦାରେ ମିଶିଯିବା ପରେ ସେଥିରେ ତେଲ, ପାନମଧୁରୀ, ଗୋଲମରିଚ, ଗୁଜୁରାତି ଗୁଣ୍ଡ, କଟା କାଜୁ, ଚିନି ସମେତ ଲୁଣ ଦେଇ ଚକଟନ୍ତୁ। ଏହାପରେ ସାମାନ୍ୟ କ୍ଷୀର ଦେଇ ଅଟା ଭଳି ଚକଟନ୍ତୁ। ରୁଟିପରି ନେଇ ଏହାକୁ ବେଲଣା କାଠିରେ ମୋଟା କରି ବେଲନ୍ତୁ। ଏହାପରେ ମଝିରୁ କାଟନ୍ତୁ। ଗ୍ୟାସ୍ ଜଳାଇ ପ୍ୟାନ୍ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ପ୍ରସ୍ତୁତ କରିଥିବା ପିଠାକୁ ଦେଇ ସେକନ୍ତୁ। ଦୁଇପାଖ ନାଲି ରଙ୍ଗ ହୋଇଗଲେ ଏହାକୁ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'କନ୍ଦମୂଳ କ୍ଷୀର ପିଠା'।

ମଟର ମାଳା ଜୁଏଲାରୀ

ଅନେକ ସାଧା, ହାଲୁକା ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ସୁନ୍ଦର, ଆରାମଦାୟକ ହେବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ତେବେ ମହିଳାଙ୍କ ପସନ୍ଦ ଅନୁସାରେ ଏବେ ମଟର ମାଳା ଜୁଏଲାରୀ ଟ୍ରେଣ୍ଡରେ ରହିଛି। ଜାଣିବା ସେ ବିଷୟରେ।

ରଙ୍ଗିନ୍ ମଟରମାଳା

ଲୁକ୍‌କୁ ଭିନ୍ନ କରିବାକୁ ଚାହୁଁଥିଲେ, ରଙ୍ଗିନ୍ ମଟରମାଳା ହାର ପିନ୍ଧିପାରିବେ। ଏହା ବେକକୁ ସୁନ୍ଦର ଦିଶିବା ସହ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ଏହା ବଜାରରେ ସହଜରେ ଉପଲବ୍ଧ।

ଛୋଟ ଡିଜାଇନ୍ ମଟରମାଳା

ଅଫିସ୍ ଯାଉଥିଲେ ଛୋଟ ମଟର ମାଳା ଡିଜାଇନ୍ ଚେନ୍ ପିନ୍ଧିପାରିବେ। ଏହା ଆରାମଦାୟକ ହେବା ସହ ଏଥିରୁ ଏକ ଫର୍ମାଲ୍ ଲୁକ୍ ମିଳିଥାଏ। ଏହାର ଛୋଟ ଡିଜାଇନ୍ ଲୁକ୍‌କୁ ଭିନ୍ନ କରିଥାଏ। ଏହା ଶାଢ଼ି ସୁଟ୍ ବିଭିନ୍ନ ଲୁକ୍‌କୁ ଭଲ ମାନିଥାଏ।

ଥ୍ରୀ ଲେୟାର୍ ଡିଜାଇନ୍

ଥ୍ରୀ ଲେୟାର୍ ମଟରମାଳା ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। କୌଣସି ପାର୍ଟି, ଫଙ୍କସନ୍‌କୁ ଯାଉଥିଲେ ଏହା ପିନ୍ଧିପାରିବେ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ।



ଡେନିମ୍ ଟ୍ୟୁବ୍ ଡ୍ରେସ୍

ଖରାଦିନେ ଥଣ୍ଡା ଏବଂ ଆରାମଦାୟକ ଅନୁଭୂତି ପାଇଁ ଡେନିମ୍ ଟ୍ୟୁବ୍ ଡ୍ରେସ୍ ଭଲ। ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। ଏହାକୁ ବିଭିନ୍ନ ସମୟରେ ପିନ୍ଧିପାରିବେ।

କାଜୁଆଲ୍ ଲୁକ୍

ଆରାମଦାୟକ ଲୁକ୍ ଚାହୁଁଥିଲେ ଡେନିମ୍‌କୁ ଧଳା ଜୋତା ସହ ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଷ୍ଟାଇଲିଶ୍ ଦିଶିଥାଏ। ଏଥିସହ ଚାହିଁଲେ ମୁଣ୍ଡରେ ଖୋସା ମଧ୍ୟ କରିପାରିବେ।

ପାର୍ଟି

ପାର୍ଟିକୁ ଯାଉଥିଲେ ଏହି ଡେନିମ୍‌କୁ ହିଲ୍‌ରେ ପିନ୍ଧିପାରିବେ। ଏଥିରେ ଝେଙ୍ଗା ଦିଶିବା ସହ ଆକର୍ଷଣୀୟ ବ୍ୟକ୍ତିତ୍ୱ ମିଳିଥାଏ। ଚାହିଁଲେ ହାଲୁକା ମେକ୍‌ଅପ୍ ମଧ୍ୟ କରିପାରିବେ।

ୱିକେଣ୍ଡ ଆଉଟିଙ୍ଗ୍

ସପ୍ତାହରେ କୌଣସି ଆଉଟିଙ୍ଗ୍‌କୁ ଯାଉଥିଲେ ଡେନିମ୍ ଡ୍ରେସ୍‌କୁ ଫ୍ଲାଟ୍ ସାଣ୍ଡେଲ ସହ ପିନ୍ଧିପାରିବେ। ଏହା ଆରାମଦାୟକ ଅନୁଭୂତି ଦେବା ସହ ସୁନ୍ଦର ଦିଶିଥାଏ। ଏଥିସହ ଚାହିଁଲେ ଷ୍ଟାଇଲିଶ୍ ବ୍ୟାଗ୍ କ୍ୟାରି କରିପାରିବେ। ଏଥିସହ ମୁହଁରେ ହାଲୁକା ମେକ୍‌ଅପ୍ କରିବେ।

ସୁଶ୍ରୀ

ସ୍ୱାବଲମ୍ବୀ କରିଛି ଝୋଟ ସାମଗ୍ରୀ

ମହିଳାମାନେ ଘରେ ବସି ବି ରହି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ରୋଜଗାର କରୁଛନ୍ତି। ହାତରେ ଭଳିକି ଭଳି ଜିନିଷ ତିଆରି ନିଜ ଖର୍ଚ୍ଚ ଉଠାଇବା ସହ ପରିବାରର ଦାୟିତ୍ୱ ହାତକୁ ନେଉଛନ୍ତି। ଏହି କ୍ରମରେ ଝୋଟରୁ ଭଳିକି ଭଳି ବ୍ୟାଗ୍, ଘରୋପକରଣ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି ବିହାର ଜହାନାବାଦର, ଇନ୍ଦୁଦେବୀ। ଏପରି କରି ସେ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି। ଝୋଟରୁ ବିଭିନ୍ନ ସାମଗ୍ରୀ ତିଆରି ଇନ୍ଦୁଦେବୀ ଏହାକୁ ଗାଁ ସହରି ସମେତ ସହରରେ ବିକ୍ରିବଟା କରୁଛନ୍ତି।

ଜହାନାବାଦର ମହିଳାମାନେ ଏକଜୁଟ ହୋଇ ଜୀବିକା ଗୋଷ୍ଠୀ ମାଧ୍ୟମରେ ଏହି ଝୋଟବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ଗୋଷ୍ଠୀର ମୁଖ୍ୟ ଇନ୍ଦୁଦେବୀ ୨୦୧୩ ମସିହା ଯାଏ ଜଣେ ସାଧାରଣ ଗୃହିଣୀ ଭାବେ ଘରେ ରହି ରୋଷେଇ କାର୍ଯ୍ୟ କରୁଥିଲେ। ହେଲେ ଜୀବିକା ଗୋଷ୍ଠୀ ସହ ଯୋଡ଼ି ହେବାପରେ ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥିଲା।

୨୦୧୩ ମସିହାରେ ସେ ଜୀବିକା ମିଶନ ସହ ଯୋଡ଼ି ହୋଇ ୨୦୦୦୦ ଟଙ୍କା ଋଣ ନେଇ ଏକ ମେସିନ୍ କିଣିଥିଲେ। ଏହାପରେ ସେ ନାବାର୍ଡରୁ ଝୋଟ ତିଆରି ଜିନିଷ ପ୍ରଶିକ୍ଷଣ ନେଇ ଝୋଟ ସାମଗ୍ରୀ ପ୍ରସ୍ତୁତି ଆରମ୍ଭ କରିଥିଲେ। ପରେ ତାଙ୍କ ଜୀବନର ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। ବହୁ ପରିଶ୍ରମ ପରୀକ୍ଷାନିରୀକ୍ଷା କରିବା ପରେ ୨୦୧୪ ପରେ ତାଙ୍କୁ ଏଥିରେ ସଫଳତା ମିଳିଥିଲା। ଝୋଟରୁ ଭଳିକି ଭଳି ଜିନିଷ ତିଆରି ସଫଳ ହୋଇଥିଲେ। ତାଙ୍କ ସହିତ ପାଖାପାଖି ୧୦ ଜଣ ମହିଳା ଏଥିରେ ତାଲିମ୍ ନେଇଥିଲେ। ଏବେ ୩୦ ଜଣ ମହିଳା ଟିମ୍ ଏ ଦିଗରେ କାର୍ଯ୍ୟ କରୁଛନ୍ତି।

ଇନ୍ଦୁଙ୍କ କହିବାନୁଯାୟୀ, ଝୋଟଗୁଡ଼ିକ ପାଟଣା ସାହିବରୁ ମଗାଯାଏ। ଏଥିରୁ ବିଭିନ୍ନ ପ୍ରକାର ବ୍ୟାଗ୍, ପାଣିବୋତଲ ବ୍ୟାଗ୍, ଲେଡିସ୍ ପର୍ସ ଆଦି ପ୍ରସ୍ତୁତ କରାଯାଏ। ମେସିନ୍ ସାହାଯ୍ୟରେ ଗୋଟିଏ ଦିନରେ ବିଶେଷ କରି ୪୦୦- ୫୦୦ ଉତ୍ପାଦ ପ୍ରସ୍ତୁତ କରାଯାଏ। ଏହାଦ୍ୱାରା ମହିଳାମାନେ ଘରେ ରହି ଦୈନିକ ୩୦୦-୪୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ଏଠାରେ ପ୍ରସ୍ତୁତ ସାମଗ୍ରୀ ବିଭିନ୍ନ ସହରକୁ ରପ୍ତାନୀ କରାଯାଏ। ଏଥିସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଏବଂ ପ୍ରଦର୍ଶନୀରେ ମଧ୍ୟ ଏହି ଷ୍ଟଲ୍ ଦେଖିବାକୁ ମିଳିଥାଏ। ଏହିପରି ଭାବେ ମହିଳାମାନେ ଝୋଟରୁ ବିଭିନ୍ନ ସାମଗ୍ରୀ ତିଆରି ସ୍ୱାବଲମ୍ବୀ ହୋଇଛନ୍ତି।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୨୯ ମେ ୨୦୨୬

ଲସାଗୁ ବ୍ୟାଧି

ସୁପ୍ରିମ୍ କୋର୍ଟଙ୍କର ଛାଟ ପରେ କେନ୍ଦ୍ର ସରକାର ଅଭିଯୋଗର ଅନୁସନ୍ଧାନ କରି ବିହିତ ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯାଇ ପାରିବ, ସେ ସମ୍ବନ୍ଧରେ ଅଦାଲତକୁ ଅବଗତ କରାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମାର୍ଚ୍ଚ ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏ ସଂପର୍କରେ ଏକ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ଆଶା କରାଯାଏ । ଇତିମଧ୍ୟରେ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଲସାଗୁ ଗଣତନ୍ତ୍ରର ଅନୁପ୍ରବେଶ କିପରି ବିପଜ୍ଜନକ ହୋଇପାରେ, ସମଗ୍ର ମାମଲାଟି ଆମକୁ ସେ ସଂପର୍କରେ ଚେତାଇ ଦେଇଥାଏ । ଦାର୍ଶନିକ ପ୍ଲାଟୋ ଗଣତନ୍ତ୍ର ନାମକ ଲଘିଷ୍ଠ ସାଧାରଣ ଗୁଣିତକ (ଲସାଗୁ) ତନ୍ତ୍ରର ଘୋର ବିରୋଧୀ ଥିବା ଜଣାଶୁଣା । ଏହି ବହୁମତଭିତିକ ଶାସନତନ୍ତ୍ର ପ୍ରତି ତାଙ୍କର ବିରୋଧ ଯେଉଁସବୁ ଯୁକ୍ତି ଉପରେ ପ୍ରତିଷ୍ଠିତ ଥିଲା, ସେଥିମଧ୍ୟରୁ ଏକ ଅତ୍ୟନ୍ତ ବଳିଷ୍ଠ ଯୁକ୍ତି ଦେଖିବାକୁ ମିଳିଥାଏ ତାଙ୍କର କଥୋପକଥନ ବା 'ଡାଏଲଗ୍' ରୂପେ ସୁପରିଚିତ 'ପ୍ରୋଟାଗୋରାସ୍'ରେ । ଜ୍ଞାନଭିତ୍ତିକ ବିଶେଷଜ୍ଞ ମତ ସ୍ଥାନରେ ଅଜ୍ଞାନଭିତ୍ତିକ ବହୁମତ ଦ୍ୱାରା ପରିଚାଳିତ ହେବାର ସମ୍ଭାବନା ଗଣତନ୍ତ୍ରକୁ କିପରି ବିପଜ୍ଜନକ କରି ତୋଳିଥାଏ, ପ୍ଲାଟୋ ତାହା ଏଥିରେ ପ୍ରଦର୍ଶିତ କରିଛନ୍ତି । ସେଥିରେ ସେ କହିଛନ୍ତି ଯେ ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହୁଏ, ସେତେବେଳେ ସେ ତାହାର ସମାଧାନ ପାଇଁ ସେ କ୍ଷେତ୍ରରେ ବିଶେଷ ଜ୍ଞାନ ଥିବା କୌଣସି ବିଶେଷଜ୍ଞଙ୍କର ସାହାଯ୍ୟ ଲୋଡ଼ିଥାଏ । ପ୍ଲାଟୋ ଉଦାହରଣ ସ୍ୱରୂପ କହିଛନ୍ତି, ତୁମେ ଯେତେବେଳେ ଅସୁସ୍ଥ ହୋଇପଡ଼, ସେତେବେଳେ ତୁମେ କେ ?ଣସି ସୁଦକ୍ଷ ଚିକିତ୍ସକଙ୍କ ପରାମର୍ଶ ଲୋଡ଼ିଥାଅ; ତୁମେ ରାସ୍ତାରେ ବୁଲିବୁଲି ଭେଟ ହେଉଥିବା ପ୍ରତ୍ୟେକ ଲୋକକୁ ତୁମର ଅସୁସ୍ଥତା ସମ୍ବନ୍ଧରେ ଜଣାଇ ସେମାନଙ୍କର ବହୁମତ ଅନୁଯା ?ୟୀ ତୁମର ରୋଗ ନିରୂପଣ ଓ ଚିକିତ୍ସା କରି ନ ଥାଅ । (ପ୍ଲାଟୋଙ୍କ କହିବା ଅନୁଯାୟୀ ଏକ ରାଷ୍ଟ୍ରର ପରିଚାଳନା କୌଣସି ଏକ ବ୍ୟକ୍ତିର ଅସୁସ୍ଥତା ତୁଳନାରେ ଅସୀମ ଭାବରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ, ଏହାର ଦାୟିତ୍ୱ ବହୁମତ ଉପରେ ନ୍ୟସ୍ତ କରିବା ବିପଜ୍ଜନକ ହେବ ନାହିଁ କି ?) ଏବେ ଏକ ଚିତ୍ରର କଳ୍ପନା କରାଯାଉ ଯେଉଁଥିରେ ଏକ ସମାଜର ସଂଖ୍ୟାଧିକ ସଦସ୍ୟ କୌଣସି ଏକ ଚିକିତ୍ସା ପଦ୍ଧତି କିମ୍ବା ଔଷଧର ଅପ୍ରମାଣିତ ଫଳପ୍ରଦତା ଉପରେ ଗଭୀର ବିଶ୍ୱାସ ସ୍ଥାପନ କରିଛନ୍ତି, ଯାହା କୌଣସି ବିଶେଷଜ୍ଞ କିମ୍ବା ମାନ ନିର୍ଦ୍ଧାରଣକାରୀ ସଂସ୍ଥା ଠାରୁ ସ୍ୱୀକୃତି ଲାଭ କରି ନାହିଁ । ଏହାର ଲୋକପ୍ରିୟତାର କାରଣ ହେଉଛି ଏହା ପଛରେ ନିହିତ ଥିବା ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ଗୁରୁଙ୍କର ଆଶୀର୍ବାଦ ଓ ପ୍ରଚାର ଅଭିଯାନ । ଏଭଳି ଔଷଧର ପ୍ରଚାର ଦ୍ୱାରା ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସେ ଦେଶରେ ଆଇନ ଅନୁଯାୟୀ ଏଭଳି ପ୍ରଚାର ନିଷିଦ୍ଧ କରାଯାଇଥିବା ସତ୍ତ୍ୱେ ସଂପୃକ୍ତ ପ୍ରଭାବଶାଳୀ ଗୁରୁଙ୍କ ଔଷଧ ପ୍ରସ୍ତୁତକାରୀ ସଂସ୍ଥା ଏହାର ଖୋଲାଖୋଲି ପ୍ରଚାର ଓ ପ୍ରସାର କରିବାରେ ଲାଗିଛି । ସର୍ବଦା ବହୁମତ ପଛରେ ଧାଇଁଥିବା ଗଣତାନ୍ତ୍ରିକ ସରକାର କିନ୍ତୁ ଏହି ଔଷଧକୁ ବିଶ୍ୱାସ କରୁଥିବା ଗୁରୁଙ୍କର ଅସଂଖ୍ୟ ଅନୁଗାମୀମାନଙ୍କୁ ବିମୁଖ ନ କରିବା ପାଇଁ ଦେଖି ନ ଦେଖିବା ଭଳି ଆଚରଣ ପ୍ରଦର୍ଶନ କରିଛନ୍ତି । ଅର୍ଥାତ୍ 'ପ୍ରୋଟାଗୋରାସ୍'ରେ ପ୍ଲାଟୋ ଉଦାହରଣ ଛଳରେ ଆଶଙ୍କା ପ୍ରକାଶ କରିଥିବା ଭଳି ସେ କ୍ଷେତ୍ରରେ ରୋଗର ଚିକିତ୍ସା ଡାକ୍ତରଙ୍କ ପରାମର୍ଶରେ ସଂଘଟିତ ନ ହୋଇ ସାଧାରଣ ଜନତାଙ୍କ ବହୁମତ ଭିତ୍ତିରେ ସଂଘଟିତ ହେବ । ଠିକ୍ ଏଇଭଳି ସମ୍ଭାବନା ପ୍ରତି ଚିନ୍ତା ପ୍ରକଟ କରି ଭାରତର ସୁପ୍ରିମ୍ କୋର୍ଟ ଏବେ ଲୋକପ୍ରିୟ ଯୋଗଗୁରୁ ରାମଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ପାତଞ୍ଜଳି ଆୟୁର୍ବେଦ ସଂସ୍ଥା ବିରୁଦ୍ଧରେ ଆଗତ ଅଭିଯୋଗର ବିଚାର କରି ନିର୍ଦ୍ଦେଶ ଦେବା ଅବସରରେ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରି ମନ୍ତବ୍ୟ ଦେଇଛନ୍ତି ଯେ ଯେତେବେଳେ ଦେଶକୁ ''ଭୁଆଁ ବୁଲାଯାଉଛି'' ସରକାର ''ଆଖି ବନ୍ଦ କରି ବସିଛନ୍ତି ।'' ସୁପ୍ରିମ୍ କୋର୍ଟ ପାତଞ୍ଜଳି ଆୟୁର୍ବେଦ ପ୍ରତି କଡ଼ା ଔଷଧ ପ୍ରୟୋଗ କରି ତାକୁ ଅଭ୍ୟାସଗତ ଭାବେ ବିଭ୍ରାନ୍ତିକର ଚିକିତ୍ସା ସମ୍ବନ୍ଧିତ ପ୍ରଚାରରୁ ନିବୃତ୍ତ କରିବା ପାଇଁ ଅନ୍ୟାଦେଶ ପର୍ଯ୍ୟନ୍ତ ନିଜର ତଥାକଥିତ ଔଷଧର ବିକ୍ରୟ ଓ ପ୍ରଚାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ବିଭ୍ରାନ୍ତିକାରୀ ଦାବି ପ୍ରସାରରୁ ନିବୃତ୍ତ ହେବା ପାଇଁ ଅଦାଲତ ଦେଇଥିବା ନିର୍ଦ୍ଦେଶର ଉଲ୍ଲଂଘନ କରିଥିବାରୁ ସୁପ୍ରିମ୍ କୋର୍ଟ ରାମଦେବ ଏବଂ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ବିରୋଧରେ ଅଦାଲତ ଅବମାନନା ବିଜ୍ଞପ୍ତି ଜାରି କରିଛନ୍ତି । ସୁପ୍ରିମ୍ କୋର୍ଟ ପାତଞ୍ଜଳି ଆୟୁର୍ବେଦ ବିରୋଧରେ ଶୁଣାଣି କରିଥିବା ଅଭିଯୋଗର ଦାଖଲକାରୀ ହେଉଛି 'ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍' ('ଆଇଏମ୍ଏ') । ଆଲୋପାଥି ଚିକିତ୍ସା ବ୍ୟବସ୍ଥା ଓ ଔଷଧ ଶିଳ୍ପ ଅନେକ ?ଭ୍ରମ ଧାରଣା ପ୍ରସାର କରୁଛନ୍ତି ବୋଲି ଅଭିଯୋଗ କରି ପାତଞ୍ଜଳି ତାହାର ବିଶଦ ବର୍ଣ୍ଣନା ବହନ କରୁଥିବା ଯେଉଁ ଦୃଷ୍ଟି ଆକର୍ଷଣକାରୀ ପ୍ରଚାର ଅଭିଯାନ ଚଳାଇଥିଲା, ତାହା ପରେ 'ଆଇଏମ୍ଏ' ୨୦୨୨ରେ ପାତଞ୍ଜଳି ବିରୋଧରେ ସୁପ୍ରିମ୍ କୋର୍ଟରେ ଉପରୋକ୍ତ ଅଭିଯୋଗ ଧରି ଉପସ୍ଥିତ ହୋଇଥିଲା । ପାତଞ୍ଜଳି ମଧ୍ୟ ନିଜ ଦ୍ୱାରା ପ୍ରସ୍ତୁତ ଔଷଧର ଚମକପ୍ରଦ ଆରୋଗକାରୀ କ୍ଷମତାର ପ୍ରଚାର କରିବା ସହିତ ଏହାର ପ୍ରତିଷ୍ଠାତା ରାମଦେବ ସମଗ୍ର ଆଲୋପାଥି ଚିକିତ୍ସା ବ୍ୟବସ୍ଥାକୁ ଏକ ''ନିର୍ବୋଧ ଓ ଦେବାଳିଆ ବିଜ୍ଞାନ'' ରୂପେ ଖୋଲାଖୋଲି ଉପହାସ କରି ଚାଲିଥିଲେ । କହିବା ବାହୁଲ୍ୟ, ରାମଦେବଙ୍କର ଏହି ମନ୍ତବ୍ୟ କୌଣସି ପ୍ରମାଣ ଉପରେ ଅଧାରିତ ନ ଥିଲା । ଏପରିକି କୋଭିଡ୍-୧୯ ପାଣ୍ଡେମିକ୍ ସମୟରେ ସମସ୍ତେ ଯେତେବେଳେ ଭୀତତ୍ରସ୍ତ ଅବସ୍ଥାରେ ଥାଇ ଏହି ନୂତନ ଆତଙ୍କର ସ୍ୱରୂପ ସମ୍ବନ୍ଧରେ ଅଜ୍ଞତା ଯୋଗୁଁ ଅନ୍ଧାରରେ ବାଡ଼ି ବୁଲାଇବାରେ ଲାଗିଥିଲେ, ରାମଦେବ ସେଇ ସମୟରେ ଏକ ସଂପୂର୍ଣ୍ଣ ଭ୍ରମାତ୍ମକ ତଥ୍ୟର ପ୍ରସାର କରିବା ଦେଖାଯାଇଥିଲା ଯେ କୋଭିଡ୍-୧୯ ଯୋଗୁଁ ଘଟୁଥିବା ମୃତ୍ୟୁ ପାଇଁ ଦାୟୀ ହେଉଛି ଆଲୋପାଥି ଔଷଧ ସେବନ । ଭାରତ ଭଳି ଏକ ବିକାଶଶୀଳ ଜନବହୁଳ ଦେଶରେ ଏଭଳି ପ୍ରଚାରର ବିପଜ୍ଜନକ ପରିଣତି ହୃଦୟଙ୍ଗମ କରିବା କଷ୍ଟକର ନୁହେଁ । ଏଠାରେ ଜଣାଶୁଣା ଭାବରେ ଜନସାଧାରଣଙ୍କ ମଧ୍ୟରେ ଚିକିତ୍ସା ବିଜ୍ଞାନ ସମ୍ବନ୍ଧୀୟ ସଚେତନତାର ଘୋର ଅଭାବ ରହିଥିବା ସଙ୍ଗେ ସଙ୍ଗେ ଅଶିକ୍ଷା ଓ ଅନ୍ଧବିଶ୍ୱାସର ପ୍ରାଦୁର୍ଭାବରେ ଜଡ଼ିବୁଟି, ଗୁଣିଗାରେଡ଼ି ଇତ୍ୟାଦି ଉପରେ ଅନେକ ଲୋକ ତଥାପି ନିର୍ଭର କରିଥାନ୍ତି । ଏହି ପରିସ୍ଥିତିରେ ରାମଦେବଙ୍କ ପରି ଜଣେ ପ୍ରଭାବଶାଳୀ ଗୁରୁଙ୍କ ଦ୍ୱାରା ପରିଚାଳିତ ଏକ ପାରମ୍ପରିକ

ମଶା ଶୂନ୍ୟ ସଂସାର !

ଅଗଣିତ ଲୋକ ମଶା କାମୁଡ଼ା ଜନିତ ରୋଗ ଦ୍ୱାରା ଆକ୍ରାନ୍ତ ହେଉ ନ ଥିଲେ ହେଁ ରାତ୍ର ଶୟନ କାଳରେ କାନ ନିକଟରେ ଅଟଳ ମଶାର ନିରନ୍ତର ଗୁଣୁଗୁଣୁ ସ୍ୱରରେ ଅତିଷ୍ଠ ଓ ନିରୁପାୟ ହୋଇ ଉଠନ୍ତି । ସୁତରାଂ, ପ୍ରକୃତିବିତ୍‌ମାନଙ୍କ ଚେତାବନୀ ସତ୍ତ୍ୱେ ମନୁଷ୍ୟ ଜାତି ଯେ ମଶା ଶୂନ୍ୟ ସଂସାର ସପକ୍ଷରେ ହାତ ଟେକିବ, ଏଥିରେ ଦ୍ୱିରୁକ୍ତି ନାହିଁ । ଗଲା ଏପ୍ରିଲ ୨୫ ତାରିଖରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଠାରୁ ଆଜି ପର୍ଯ୍ୟନ୍ତ ଠିକ୍ ମାସକ ଭିତରେ ମଶା କାମୁଡ଼ାରେ ଭୂପୃଷ୍ଠରୁ ଚିର ବିଦାୟ ନେଲେଣି, ବୟସ ଓ ଲିଙ୍ଗ ନିର୍ବିଶେଷରେ ପ୍ରାୟ ୮୩ ହଜାର ମଣିଷ, ଯେଉଁମାନଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟକ ଅର୍ଥାତ୍ ପ୍ରାୟ ୫୫ ହଜାରଙ୍କୁ ଶିକାର କରିଛି ମ୍ୟାଲେରିଆ । ପୃଥିବୀ ପୃଷ୍ଠରେ ମନୁଷ୍ୟ ଜାତି ଲାଗି ସର୍ବାଧିକ ଘାତକ ପ୍ରାଣୀ ବୋଲି କହିଲେ ଯଦି କୌଣସି ଦନ୍ତ-ନଖଧାରୀ ଚତୁଷ୍ପଦ ବା ବିଷାକ୍ତ ସରୀସୃପର ଚିତ୍ର ମାନସ ପଟଳରେ ଭାସି ବୁଲୁଥିବ, ତେବେ ତାହା ଏକ ଭ୍ରାନ୍ତ ଧାରଣା ବୋଲି ସୁନିଶ୍ଚିତ ରହି ଉପରୋକ୍ତ କ୍ଷୁଦ୍ରାତିକ୍ଷୁଦ୍ର କୀଟର ଉପଦ୍ରବୀ ପ୍ରଭାବ ବିଷୟରେ ସାମାନ୍ୟ ଧାରଣା ଲାଭ କରିବା ଉଚିତ, ଯାହାର କାମୁଡ଼ା ଜନିତ ସଂକ୍ରାମକ ରୋଗଗୁଡ଼ିକ ହେତୁ ବାର୍ଷିକ ପ୍ରାୟ ୧୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥାଏ । ଇତିମଧ୍ୟରେ ଏହି ଧାରଣାର ଲୋପ ମଧ୍ୟ ଘଟିଲାଣି ଯେ ବିଷୁବ ମଣ୍ଡଳୀୟ ଜଳବାୟୁ ଅନ୍ତର୍ଗତ ଦେଶଗୁଡ଼ିକ ପ୍ରାୟତଃ ମଶା ଉତ୍ପୀଡ଼ିତ; ବରଂ, ବିଶ୍ୱ ତାପମାତ୍ରାରେ ବୃଦ୍ଧି ଜନିତ ଜଳବାୟୁ ପରିବର୍ତ୍ତନ ହେତୁ ମନୁଷ୍ୟ ବସବାସ କରୁଥିବା ପ୍ରତ୍ୟେକ ଅଂଚଳରେ ସଂପ୍ରତି ମଶାମାନେ ଦୃଷ୍ଟିଗୋଚର ହେଲେଣି, ଏପରିକି ସଂପୂର୍ଣ୍ଣ ମଶା ମୁକ୍ତ ଆଇସଲାଣ୍ଡ ଦେଶରେ ଗଲା ବର୍ଷ ତିନିଟି ମଶାଙ୍କୁ ଠାବ କରାଯାଇଛି । ଏହି ପରିପ୍ରେକ୍ଷୀରେ ମଶା ବଂଶର ସଂପୂର୍ଣ୍ଣ ନିପାତ ଲାଗି ଚାଲିଥିବା ଉଦ୍ୟମକୁ ପ୍ରଶଂସନୀୟ ବୋଲି କହିଲେ ଯଦିଓ ଅତ୍ୟୁକ୍ତି ହୁଅନ୍ତା ନାହିଁ, ତଥାପି କେ ?ଣସି 'ସ୍ପେସିସ୍' ବା ଜୀବ ଜାତି, ଯେତେ କ୍ଷତିକାରକ ହେଲେ ମଧ୍ୟ, କୃତ୍ରିମ ଉପାୟରେ ତା'ର ହନନକୁ ଅନେକ ପ୍ରକୃତିବିତ୍ ସନ୍ଦେହଭରା ତଥା ଉଦ୍‌ବେଗ ବିଜଡ଼ିତ ଦୃଷ୍ଟିରେ ଦେଖିଥାଆନ୍ତି, ଯେଉଁ ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ ମଶା କାମୁଡ଼ାରୁ ମ୍ୟାଲେରିଆ, ଫାଇଲେରିଆ, ଡେଙ୍ଗୁ, ଚିକନଗୁନିଆ, ଜିକା ଭଳି ରୋଗମାନ ବ୍ୟାପି ଥାଏ । ପୃଥିବୀରେ ଦେଖାଯାଉଥିବା ବିଭିନ୍ନ ସଂକ୍ରାମକ ରୋଗ ମଧ୍ୟରୁ ୧୭% ମଶା ଦ୍ୱାରା ହିଁ ହୋଇଥାଏ ଏବଂ ତହିଁରେ ମ୍ୟାଲେରିଆର ପ୍ରାଦୁର୍ଭାବ ସର୍ବାଧିକ, ଯହିଁରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ପ୍ରାୟ ୭ ଲକ୍ଷ ଲୋକ ମୃତ୍ୟୁ ମୁଖରେ ପଡ଼ନ୍ତି । ସଂପ୍ରତି ପ୍ରାୟ ସମସ୍ତ ଆଫ୍ରିକୀୟ ଦେଶ ଅତ୍ୟନ୍ତ ମ୍ୟାଲେରିଆ-ପ୍ରବଣ ଭାବେ କୁଖ୍ୟାତ, ଯେଉଁ କାରଣରୁ ରୋଗ ଚିକିତ୍ସା ଏବଂ ତଜ୍ଜନିତ ଉତ୍ପାଦକତା ହ୍ରାସ କାରଣରୁ ଆଫ୍ରିକୀୟମାନେ ସହ୍ୟ କରୁଥିବା ଆର୍ଥିକ ବୋଝର ଆକାର ହେଉଛି ବାର୍ଷିକ ୧୨ ବିଲିଅନ (୧ ବିଲିଅନ ଅର୍ଥାତ୍ ଶହେ କୋଟି) ଡଲାର । ଏହି ପରିପ୍ରେକ୍ଷୀରେ ଆମ ଦେଶ ଭାରତର ସ୍ଥିତି ହେଲା, ପ୍ରତି ବର୍ଷ ଉଭୟ ମ୍ୟାଲେରିଆ ଓ ଡେଙ୍ଗୁ ଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା ମିଶି ବାର୍ଷିକ ପ୍ରାୟ ୫ ଲକ୍ଷ; ଏବଂ ଚିକିତ୍ସାରେ ଉନ୍ନତି କାରଣରୁ ମୃତ୍ୟୁ ସଂଖ୍ୟା ପୂର୍ବ ତୁଳନାରେ ହ୍ରାସ ପାଇ ଯଥାକ୍ରମେ ବାର୍ଷିକ ୮୩ ଓ ୩୦୦-୫୦୦ ହୋଇଛି । ପ୍ରକାଶ ଥାଉ କି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ୭୮% ମ୍ୟାଲେରିଆ ନିରାକରଣର ଦାବି କରାଯାଉଥିବା ବେଳେ ଡେଙ୍ଗୁ ଜନିତ ମୃତ୍ୟୁ ଚିନ୍ତାର କାରଣ ହୋଇଥାଏ । ଏହି ଦୁଇ ମଶା ବାହିତ ରୋଗ ଦ୍ୱାରା ଭାରତ ସହ୍ୟ କରୁଥିବା ଆର୍ଥିକ ବୋଝର ପରିମାଣ ହେଉଛି ପ୍ରାୟ ୨.୯୪ ବିଲିଅନ ଡଲାର । ମ୍ୟାଲେରିଆ ଦୃଷ୍ଟିରୁ ବିଚାର କଲେ ଆମ ରାଜ୍ୟର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ, କାରଣ ମୋଟ ମ୍ୟାଲେରିଆ ଆକ୍ରାନ୍ତ ଭାରତୀୟଙ୍କ ମଧ୍ୟରୁ ଏକ-ଚତୁର୍ଥାଂଶ ହେଉଛନ୍ତି ଓଡ଼ିଶାର । ଏଭଳି ସ୍ଥିତିରେ ଏକ ମଶା ମୁକ୍ତ ପରିବେଶଟିଏ ଚାହିବା ଯେ ସଂପୂର୍ଣ୍ଣ ସ୍ୱାଭାବିକ, ଏଥିରେ ଦ୍ୱିରୁକ୍ତି ନାହିଁ । ପୃଥିବୀରେ ପ୍ରାୟ ୩୫୦୦ କିସମର ମଶା ଜାତି ଦେଖିବାକୁ ମିଳନ୍ତି, ଯହିଁରୁ ୧୦୦ଟି ମନୁଷ୍ୟକୁ କାମୁଡ଼ନ୍ତି, ଯହିଁରୁ ରୋଗ ସୃଷ୍ଟି କରୁଥିବା ମଶା ଜାତିଙ୍କ ସଂଖ୍ୟା ହେଉଛି ମାତ୍ର ୫, ଯେଉଁମାନେ ୯୫% ରୋଗର ବାହକ । ସଂପ୍ରତି ଗବେଷକମାନେ ମଶା ଓ ମଶା ଜନିତ ରୋଗରୁ ମୁକ୍ତି ପାଇଁ ଦୁଇଟି ଭିନ୍ନ ପଦ୍ଧତିର ବିକାଶରେ ଉଦ୍ୟମଶୀଳ, ଯହିଁରୁ ଗୋଟିଏ ମଶା ବଂଶକୁ ବୁଡ଼ାଇ ଦେବା ଲାଗି ଉଦ୍ଦିଷ୍ଟ ଏବଂ ଅନ୍ୟଟି ମଶାଙ୍କୁ ବଞ୍ଚିବାର ସୁଯୋଗ ଦେଇ ସେମାନଙ୍କ ଠାରୁ ରୋଗ ସଂକ୍ରମଣର କ୍ଷମତା ହରଣ କରି ନେବ । ପ୍ରଥମଟି ହେଉଛି 'ଜେନେଟିକାଲି ମୋଡିଫାଏଡ' ବା 'ଜିନ୍‌ଗତ ଗୁଣସୂତ୍ର ପରିବର୍ତ୍ତିତ' ମଶାମାନଙ୍କ ପ୍ରୟୋଗ, ଯେଉଁମାନଙ୍କ ଠାରୁ ପ୍ରଜନନ ଶକ୍ତି ଶୂନ୍ୟ ମାଈ ମଶା ସୃଷ୍ଟି ହେବେ । ପରୀକ୍ଷାଗାରରେ ଦେଖିବାକୁ ମିଳିଛି ଯେ ବଂଶ ବୃଦ୍ଧି କରିବାର ଅକ୍ଷମତା ହେତୁ ଅଳ୍ପ କେଇଟି ଜୀବନ ଚକ୍ର ମଧ୍ୟରେ ମଶା ବଂଶର ବିଲୋପ ଘଟୁଛି । ପ୍ରକାଶ ଥାଉ କି ଗୋଟିଏ ମଶାର ଜୀବନ ଚକ୍ର ପ୍ରାୟତଃ ହୋଇଥାଏ ମାତ୍ର ୭ରୁ ୧୪ ଦିନ । ଦ୍ୱିତୀୟ ପଦ୍ଧତିରେ ମଶାମାନଙ୍କ ଠାରେ 'ଉଲବାକିଆ' ନାମକ ଏକ ବ୍ୟାକଟେରିଆର ରୋପଣ କରାଯାଇ ସେମାନଙ୍କ ରୋଗ ସଂକ୍ରମଣ ସାମର୍ଥ୍ୟରେ ଅନ୍ତ ଘଟାଯାଉଛି । ପ୍ରକାଶ ଥାଉ କି ଏହା ଦ୍ୱାରା, ଡେଙ୍ଗୁ ରୋଗର ପ୍ରାଦୁର୍ଭାବରେ ଯଥେଷ୍ଟ ହ୍ରାସ ଘଟୁଛି । ଏହି ପରୀକ୍ଷଣ ପରେ ବ୍ରାଜିଲର ନେଟ୍ରୋଇ ସହରରେ ଡେଙ୍ଗୁ ସଂକ୍ରମଣ ସଂଖ୍ୟାରେ ୮୯% ହ୍ରାସ ଘଟିଥିବା ବେଳେ ଏଥି ଜନିତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳୁନାହିଁ । ସଂପ୍ରତି ଏହି ପଦ୍ଧତି ଦ୍ୱାରା ପୃଥିବୀର ୧୫ଟି ଦେଶର ୫୯ ନିୟୁତ ଲୋକଙ୍କୁ ଡେଙ୍ଗୁ କବଳରୁ ସୁରକ୍ଷା ପ୍ରଦାନ କରାଯାଇସାରିଲାଣି । ପ୍ରକୃତିବିତ୍‌ମାନେ ସ୍ୱାଭାବିକ ଭାବେ ଦ୍ୱିତୀୟ ପଦ୍ଧତିଟିର ପୃଷ୍ଠପୋଷକତା କରନ୍ତି, କାରଣ ତହିଁରେ ଜୀବଟିର ଅସ୍ତିତ୍ୱ ବିଲୋପ ଘଟିବ ନାହିଁ, ଅଥଚ ତା'ର ପ୍ରାଦୁର୍ଭାବ ହ୍ରାସ ପାଇବ । ପ୍ରକୃତିବିତ୍‌ମାନଙ୍କ ମତରେ ଯେତେ କ୍ଷତିକାରକ ହେଲେ ସୁଦ୍ଧା ପ୍ରକୃତିର ବ୍ୟବସ୍ଥାରେ ମଶାମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ଯହିଁରେ ପରାଗ ସଙ୍ଗମରେ ସହାୟତା ଦୃଷ୍ଟିରୁ ଏବଂ କେତେକ ମାଛ, ପକ୍ଷୀ ଓ ବେଙ୍ଗଙ୍କ ସକାଶେ ଆହାର ହିସାବରେ ଖାଦ୍ୟ ଶିକୁଳିର କଡ଼ି ରୂପରେ ସେମାନଙ୍କ ଭୂମିକାକୁ ନଜରଅନ୍ଦାଜ କରାଯିବା ଅନୁଚିତ । ସେମାନେ ଆହୁରି କହିଥାଆନ୍ତି ଯେ ବିବର୍ତ୍ତନର ନିୟମ ଅନୁସାରେ ହୁଏତ ଭବିଷ୍ୟତରେ ଜି.ଏମ. ମଶାମାନେ ଅଧିକ ଦୃଢ଼ ଓ ଶକ୍ତିଶାଳୀ ହୋଇ 'ସୁପର ମଶା'ରେ ପରିଣତ ହୋଇ ପାରନ୍ତି ଏବଂ ଅଧିକ ବିପଜ୍ଜନକ ରୋଗର କାରଣ ମଧ୍ୟ ହୋଇପାରନ୍ତି । ସେମାନେ ଚେତାଇ ଦିଅନ୍ତି ଯେ ପ୍ରକୃତି ନିଜ ବ୍ୟବସ୍ଥା ଭିତରେ ସର୍ଜନାର ସଂପାଦନା କରିଥାଏ ସିନା, କୃତ୍ରିମ ଉପାୟରେ ବାହ୍ୟ ହସ୍ତକ୍ଷେପ ଦ୍ୱାରା କୌଣସି 'ଏଡିଟିଂ'କୁ ପସନ୍ଦ କରି ନ ଥାଏ । ତେବେ, ଏହା ସହିତ ଏକମତ ହେଉ ନ ଥିବା ପ୍ରକୃତିବିତ୍‌ମାନେ କହନ୍ତି ଯେ କୃତ୍ରିମ ଉପାୟରେ 'ସ୍ପେସିସାଇଡ' ବା 'ଜାତିର ହନନ' ଏକ ବିପଜ୍ଜନକ ଉଦ୍ୟମ ହୋଇଥିଲେ ହେଁ ମଶାମାନଙ୍କ କ୍ଷେତ୍ରରେ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ହେବ ନାହିଁ ଏବଂ ପ୍ରକୃତି ଖୁବ୍‌ଶୀଘ୍ର ମଶା ଶୂନ୍ୟତା ସହିତ ଖାପ ଖୁଆଇ ନେବ । ସେମାନଙ୍କ ମତରେ ମଶାମାନଙ୍କ ଉପକାରୀ ଭୂମିକାକୁ କ୍ରମେ ଅନ୍ୟ ପତଙ୍ଗମାନେ ଗ୍ରହଣ କରିନେବେ । ଇତିମଧ୍ୟରେ ମଶା ବାହିତ ରୋଗ ଦ୍ୱାରା ମନୁଷ୍ୟ ସମାଜ ସାମାଜିକ-ଆର୍ଥିକ ଦୃଷ୍ଟିରୁ ମଧ୍ୟ ଦୁଇ ଭାଗରେ ବିଭାଜିତ ହୋଇସାରିଲେଣି । ଅପରିଚ୍ଛନ୍ନ ପରିବେଶ, ନର୍ଦ୍ଦମା ଓ ପଙ୍କିଳ ସ୍ଥାନ ଇତ୍ୟାଦି ଏନୋଫିଲିସ ମଶାର ପ୍ରଜନନ ସ୍ଥଳ ହୋଇଥିବାରୁ ଦରିଦ୍ର ଗ୍ରାମାଂଚଳଗୁଡ଼ିକ ମ୍ୟାଲେରିଆ ପ୍ରବଣ ହୋଇ ଉଠୁଥିବା ବେଳେ ପାଣି ଟାଙ୍କି ଠାରୁ ନେଇ ଫୁଲଦାନି ପର୍ଯ୍ୟନ୍ତ ପରିଷ୍କାର ଜଳ ଧାରଣ କରୁଥିବା ପାତ୍ରମାନ ଏଡିସ ମଶାର ଏକ୍ତିଆରଶାଳ ହୋଇ ସହରର ଆପାର୍ଟମେଂଟଗୁଡ଼ିକୁ ପ୍ରାୟତଃ ଡେଙ୍ଗୁର ପ୍ରସାରଣ କ୍ଷେତ୍ରରେ ପରିଣତ କରିଛି । ଏହାର ଅର୍ଥ ପୃଥିବୀର କୌଣସି ଅଂଚଳ ଓ କୌଣସି ବର୍ଗର ଜନସମାଜ ମଶା ଦଂଶନ ଜନିତ ପରିଣତିରୁ ମୁକ୍ତ ରହି ପାରିବେ ନାହିଁ । କେବଳ ସେତିକି ନୁହେଁ, ଅଗଣିତ ଲୋକ ମଶା କାମୁଡ଼ା ଜନିତ ରୋଗ ଦ୍ୱାରା ଆକ୍ରାନ୍ତ ହେଉ ନ ଥିଲେ ହେଁ ରାତ୍ର ଶୟନ କାଳରେ କାନ ନିକଟରେ ଅଟଳ ମଶାର ନିରନ୍ତର ଗୁଣୁଗୁଣୁ ସ୍ୱରରେ ଅତିଷ୍ଠ ଓ ନିରୁପାୟ ହୋଇ ଉଠନ୍ତି । ସୁତରାଂ, ପ୍ରକୃତିବିତ୍‌ମାନଙ୍କ ଚେତାବନୀ ସତ୍ତ୍ୱେ ମନୁଷ୍ୟ ଜାତି ଯେ ମଶା ଶୂନ୍ୟ ସଂସାର ସପକ୍ଷରେ ହାତ ଟେକିବ, ଏଥିରେ ଦ୍ୱିରୁକ୍ତି ନାହିଁ ।

ମେଡିକାଲ କଲେଜର ସ୍ୱପ୍ନ ଓ ବାସ୍ତବତା

ବହୁ ବର୍ଷ ଧରି ସରକାରୀ ଏଲୋପାଥି ମେଡିକାଲ କଲେଜର ସ୍ୱପ୍ନ ଦେଖି ଆସୁଥିବା ଯେ କୌଣସି ଜିଲ୍ଲାବାସୀଙ୍କୁ ସରକାର ମେଡିକାଲ କଲେଜର ସ୍ୱପ୍ନ ଦେଖାଇ, ହୋମିଓପାଥି କିମ୍ବା ଆୟୁର୍ବେଦିକ ମେଡିକାଲ କଲେଜ ଉପହାର ଦେଲେ, ଉତ୍କଳଘଂଟ କବି ଯଦୁମଣିଙ୍କ ଭାଷାରେ ଲୋକ କହିବେ, "ଛାମୁ ଯାହାଦେଲେ ହରଷେ, ତାହା ପାଉ ପାଉ ଗଲା ବରଷେ । ଏମନ୍ତ ଭୂଇଁ, ଚାକୁଣ୍ଡା ବୁଣିଲେ ଉଠଇ ନାହିଁ!" କେନ୍ଦ୍ର ସରକାରଙ୍କ ଭୁବନେଶ୍ୱରସ୍ଥିତ 'ଏମ୍ସ'କୁ ମିଶାଇ ବର୍ତ୍ତମାନ ରାଜ୍ୟର ୧୪ ଗୋଟି ଜିଲ୍ଲାରେ ୧୫ଟି ସରକାରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇସାରିଛି । ଏହି ସମସ୍ତ ଏଲୋପାଥି ମେଡିକାଲ କଲେଜ ପ୍ରାୟତଃ ଜିଲ୍ଲା ସଦର ମହକୁମାରେ ସ୍ଥାପନ କରାଯାଇଛି । ଓଡ଼ିଶା ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି, ଯାହାଦ୍ୱାରା ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ଉନ୍ନତି ଆସିପାରିବ । ଏଣୁ, ସରକାରୀ ମେଡିକାଲ କଲେଜ ନଥିବା ୧୬ ଗୋଟି ଜିଲ୍ଲାର ଲୋକମାନେ ତାଙ୍କ ଜିଲ୍ଲାରେ ଏଲୋପାଥି ମେଡିକାଲ କଲେଜ ଖୋଲିବା ନେଇ ଆଶା କରିବା ସ୍ୱାଭାବିକ । କିନ୍ତୁ, ୨୦୨୬-୨୭ ବଜେଟ୍‌ରେ ରାଜ୍ୟର ପା ଁଟି ଜିଲ୍ଲାରେ ନୂତନ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେହି ଜିଲ୍ଲାଗୁଡ଼ିକ ହେଲା- ନୟାଗଡ଼, ନୂଆପଡ଼ା ଜିଲ୍ଲାରେ ହୋମିଓପ୍ୟାଥିକ ମେଡିକାଲ କଲେଜ ଏବଂ ଗଜପତି, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ ଆୟୁର୍ବେଦିକ ମେଡିକାଲ କଲେଜ । ଏହି ପ୍ରସ୍ତାବିତ ମେଡିକାଲ କଲେଜ ପାଇଁ ସରକାର ବଜେଟରେ ପ୍ରାୟ ୧୪୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି । ପାରମ୍ପରିକ ଚିକିତ୍ସା ପଦ୍ଧତିର ପ୍ରସାର କରିବା ସହ ଉପାନ୍ତ ଅଂଚଳରେ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଏପରି ମହତ୍ତ୍ୱାକାଂକ୍ଷୀ ପରିକଳ୍ପନା କରାଯାଇଥିବାର କୁହାଯାଉଛି । ଏହା ବ୍ୟତୀତ, ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ଏଲୋପାଥି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହୋଇସାରିଥିଲେ ବି ରାଇରଙ୍ଗପୁରଠାରେ ଏକ ନୂତନ ଆୟୁର୍ବେଦିକ କଲେଜ ସ୍ଥାପନ ହେବାକୁ ଯାଉଛି । ପାରମ୍ପରିକ ଚିକିତ୍ସା ପଦ୍ଧତିର ପ୍ରସାର କରିବା ସହ ଉପାନ୍ତ ଅଂଚଳରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷାରେ ଉନ୍ନତି ଆଣିବା ପାଇଁ ତତ୍ପରତା ପ୍ରକାଶ କରିଥିବା ଓଡ଼ିଶା ସରକାର ଜାଣନ୍ତି ଯେ, ରାଜ୍ୟରେ ଚାରିଟି ସରକାରୀ ଓ ଦୁଇଟି ବେସରକାରୀ ହୋମିଓପାଥି କଲେଜ ରହିଛି । ୧୯୬୯ ମସିହାରେ ଭୁବନେଶ୍ୱରରେ ଓଡ଼ିଶାର ପ୍ରମୁଖ ହୋମିଓପାଥିକ ମେଡିକାଲ କଲେଜ ଭାବେ ଜଣାଶୁଣା ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁରରେ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲ, ୧୯୭୫ରେ ରାଉରକେଲାରେ ଓ ୧୯୭୮ରେ ସମ୍ବଲପୁରରେ ଖୋଲା ଯାଇଥିବା ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲମାନଙ୍କର ସ୍ୱାସ୍ଥ୍ୟ ଭଲ ନାହିଁ । ସ୍ନାତକୋତ୍ତର ଶିକ୍ଷାଦାନ ପାଇଁ କେବଳ ଭୁବନେଶ୍ୱରରେ ନାମକୁ ମାତ୍ର ପା ଁଟି ବିଭାଗ ଥିଲେ ମଧ୍ୟ 'ମାଟାରିଆ ମେଡିକା' ବିଭାଗରେ ମାତ୍ର ଦୁଇଜଣ ପଢ଼ିପାରନ୍ତି । କଟକ ଓ ବାରିପଦାରେ ଥିବା ଦୁଇଟିଯାକ ବେସରକାରୀ ହୋମିଓପାଥି କଲେଜରେ ନାମଲେଖା ବନ୍ଦ ରହିଛି । ରାଜଧାନୀ ଉପକଣ୍ଠ ଜାମୁଝରିରେ ଅତ୍ୟାଧୁନିକ କେନ୍ଦ୍ରୀୟ ହୋମିଓପାଥିକ ଗବେଷଣା ପ୍ରତିଷ୍ଠାନ (ସିସିଆରଏଚ୍) ପ୍ରତିଷ୍ଠା ହେବାକୁ ଯାଉଛି । ଏହି କେନ୍ଦ୍ର ଖୋଲିଲେ ସେଠାରେ ହୋମିଓପାଥିର ବୈଜ୍ଞାନିକ ପ୍ରାମାଣିକତା, ଅନୁସନ୍ଧାନ ଓ ଆଧୁନିକ ଚିକିତ୍ସା ପଦ୍ଧତିରେ ହୋମିଓପାଥି ଔଷଧର ପ୍ରୟୋଗ ନେଇ ବ୍ୟାପକ ଗବେଷଣା ହେବ । ସେହିପରି ହୋମିଓପାଥି ଚିକିତ୍ସା ନିମନ୍ତେ ପ୍ରମାଣଭିତ୍ତିକ ଚିକିତ୍ସା ପଦ୍ଧତି ସୃଷ୍ଟି, ଆର୍ଥ୍ରାଇଟିସ୍ ?, ସ୍ପୋଣ୍ଡିଲୋସିସ, ସିକିଲସେଲ ଓ ରକ୍ତହୀନତା ଭଳି ବିଭିନ୍ନ ରୋଗ ନିରାକରଣ କ୍ଷେତ୍ରରେ ଏହାର ପ୍ରୟୋଗଭିତ୍ତିକ କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ଗବେଷଣା ହୋଇପାରିବ । ହୋମିଓପାଥି ପଢ଼ୁଥିବା ଛାତ୍ରଛାତ୍ରୀମାନେ ଏଠାରେ ଉନ୍ନତ ଗବେଷଣା ପାଇଁ ଏକ ଭିତିଭୂମି ପାଇବା ଆଶା କରାଯାଇପାରେ । ଚାରିଟିଯାକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲରେ ନିଦାନ ସେବା ଉପଲବ୍ଧ ଥିବାର କୁହାଯାଉ ଥିଲେ ବି ୪୦ ପ୍ରକାରର ପାଥୋଲୋଜି ସେବା ମିଳିବା ଜାଗାରେ ମାତ୍ର ୧୭ ପ୍ରକାରର ସେବା ମିଳୁଛି । ଏଠାରେ ଏକ୍ସରେ, ଅଲଟ୍ରାସାଉଣ୍ଡ ସେବା ମିଳୁ ନଥିବାରୁ ରୋଗୀମାନେ ଘରୋଇ ସଂସ୍ଥାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି କିମ୍ବା ଏଲୋପାଥିକ ହସ୍ପିଟାଲକୁ ଚାଲି ଯାଉଛନ୍ତି । ଏହି ସମସ୍ତ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକୁ ସଶକ୍ତ ନକରି, ନୂତନ କଲେଜ୍ ଖୋଲିବା କେତେ ଦୂର ଯୁକ୍ତିଯୁକ୍ତ ? ଆଜିକାଲି ଅଧିକାଂଶ ଲୋକଙ୍କ ପାଖରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱାସ୍ଥ୍ୟବୀମା ସୁବିଧା ଥିବାରୁ ବଡ଼ବଡ଼ ଘରୋଇ ଏଲୋପାଥି ହସ୍ପିଟାଲରେ ଚିକିତ୍ସା ପାଇବା ସହଜ ହୋଇଯାଇଛି । ସାଧାରଣ ଜର, ଝାଡ଼ା ଇତ୍ୟାଦି ହେଲେ, ଲୋକମାନେ ଔଷଧ ଦୋକାନୀଙ୍କୁ ପଚାରି ଖାଉଛନ୍ତି ଏବଂ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ନହେଲେ, ଡାକ୍ତରୀ ପରାମର୍ଶ ଅନାବଶ୍ୟକ ମଣୁଛନ୍ତି । ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ କାରଣରୁ ଉପାନ୍ତ ଅଂଚଳ ସମେତ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ରହିଛି । ଲୋକମାନେ ଏଲୋପାଥି ବଦଳରେ ହୋମିଓପାଥି ଚିକିତ୍ସାକୁ ଯେ ଆଦର କରିବେ, ତାହା ଅସମ୍ଭବ ମନେ ହୁଏ । ସରକାରଙ୍କ ଅବାସ୍ତବ ପରିକଳ୍ପନା କାରଣରୁ ଆୟୁର୍ବେଦ, ହୋମିଓପାଥି, ୟୁନାନୀ ଓ ସିଦ୍ଧ ଭଳି ଆୟୁଷ ଚିକିତ୍ସା ବ୍ୟବସ୍ଥା ରାଜ୍ୟରେ ଅବହେଳିତ ହୋଇରହିଛି ଏବଂ ଜନସାଧାରଣ ଏ ସବୁ ପଦ୍ଧତିକୁ ଆଦର କରିପାରୁ ନାହାନ୍ତି । ରାଜ୍ୟରେ ୧୧୯୧ଟି ଆୟୁଷ ଡିସ୍ପେନ୍ ?ସାରି ରହିଛି । ୧୫ ଜଣ ଜିଲ୍ଲା ଆୟୁର୍ବେଦ ମେଡିକାଲ ଅଧିକାରୀଙ୍କ ଅଧୀନରେ ୬୨୯ ଜଣ ଆୟୁର୍ବେଦିକ ଡାକ୍ତର ଏବଂ ଜିଲ୍ଲା ହୋମିଓପାଥି ମେଡିକାଲ ଅଧିକାରୀଙ୍କ ଅଧିନରେ ୫୬୨ ଜଣ ହୋମିଓପାଥିକ ଡାକ୍ତର ରହିଛନ୍ତି । ପ୍ରତିବର୍ଷ ନିୟମିତ ଭାବେ 'ଓପିଏସସି' ପକ୍ଷରୁ ନିଯୁକ୍ତି ପରୀକ୍ଷା କରାଯାଉ ନଥିବାରୁ ଚୁକ୍ତିଭିତ୍ତିକ ଡାକ୍ତରଙ୍କ କାନ୍ଧରେ ଆୟୁଷ ଚିକିତ୍ସା ଚାଲିଛି । ହୋମିଓପାଥିକ ମେଡିକାଲ କଲେଜମାନଙ୍କରେ ଏହି ଅବସ୍ଥା ଉତ୍କଟ । ନିୟମିତ ଅଧ୍ୟାପକଙ୍କ ସଂଖ୍ୟା ବହୁତ କମ୍ ଥିବାରୁ ଆୟୁଷ ବିଭାଗରୁ ଡେପୁଟେସନରେ ସ୍ନାତକୋତ୍ତର ଡିଗ୍ରିଧାରୀଙ୍କୁ ଅଣାଯାଉଥିଲେ ମଧ୍ୟ ସେମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖା ଯାଉଥିବା ଫଳରେ ଶିକ୍ଷାଦାନ ଅଧପନ୍ତରିଆ ହେଉଛି ଏବଂ ଶୈକ୍ଷିକ ପରିବେଶ ରହୁ ନାହିଁ । ରାଜ୍ୟର ସରକାରୀ ହୋମିଓପାଥିକ ମେଡିକାଲ କଲେଜ ପରିଦର୍ଶନ କଲେ, କେହି ବି ଏହା ଅନୁଭବ କରିପାରିବେ । ଏମବିବିଏସ ଡିଗ୍ରିଧାରୀ ଡାକ୍ତରଙ୍କୁ ମିଳୁଥିବା ଦରମା ଓ ପଦବି, ଆୟୁଷ ଡାକ୍ତରଙ୍କୁ ମିଳୁ ନଥିବାରୁ ସେମାନେ ଅସନ୍ତୁଷ୍ଟ ରହିଛନ୍ତି । ରାଜନୈତିକ ଲାଭ ପାଇଁ ନୂଆପଡ଼ା ଓ ନୟାଗଡ଼ରେ ହୋମିଓପାଥି ମେଡିକାଲ କଲେଜ କରିବା ବଦଳରେ ଏଲୋପାଥି ମେଡିକାଲ କଲେଜ ପ୍ରତିଷ୍ଠା କେତେ ଆବଶ୍ୟକ, ତାହା ବୁଝାଇ କହିବା ଅନାବଶ୍ୟକ । ନୟାଗଡ଼ କଥା ଧରାଯାଉ । ନୟାଗଡ଼ ଏବେ ଏକ ପର୍ଯ୍ୟଟନ ଜିଲ୍ଲା ଭାବେ ମୁଣ୍ଡ ଟେକୁଛି । ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥ କାର୍ଯ୍ୟକାରୀ ହେବା ପରେ କଟିଂଲୋ-ନୟାଗଡ଼ ଦେଇ ଗୋପାଳପୁର ବନ୍ଦର ଯାଏଁ ରେଳପଥ ନିର୍ମାଣ ସହିତ ନୟାଗଡ଼ ସହର ଏକ ରେଳ ଜଙ୍କସନ୍ ହେବାକୁ ଯାଉଛି । ନୟାଗଡ଼ଠାରୁ ବ୍ରହ୍ମପୁର ୧୨୬ କିଲୋମିଟର, ଭୁବନେଶ୍ୱର ୮୭ କିଲୋମିଟର ଓ ଫୁଲବାଣୀ ୧୨୪ କିଲୋମିଟର ଦୂରରେ ଅବସ୍ଥିତ ଥିବାରୁ ଆଜି ବି ନୟାଗଡ଼ ଦେଇ ଖଣ୍ଡପଡ଼ା, ଦଶପଲ୍ଲା, ଭଞ୍ଜନଗର, ବୁଗୁଡ଼ା, ରଣପୁର ନିର୍ବାଚନ ମଣ୍ଡଳୀର ରୋଗୀମାନେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରରେ ଚିକିତ୍ସିତ ହେବାକୁ ଯାଆନ୍ତି ଏବଂ ଅନେକେ ଅଧାବାଟରେ ଆଖି ବୁଜନ୍ତି । ନୟାଗଡ଼ରେ ଏଲୋପାଥି ମେଡିକାଲ କଲେଜ ଓ ଉନ୍ନତ ମାନର ହସ୍ପିଟାଲ୍ ଥିଲେ, ଅନେକ ଅମୂଲ୍ୟ ଜୀବନ ରକ୍ଷା ପାଆନ୍ତା । ନୟାଗଡ଼ ଏକ ଶିଳ୍ପବିହୀନ ଜିଲ୍ଲା ହୋଇଥିବାରୁ ଅଧିକାଂଶ ଲୋକ ଗରିବ । ସେଠାରେ ସରକାରୀ ଏଲୋପାଥି ମେଡିକାଲ କଲେଜ ଓ ହସ୍ପିଟାଲ ସହିତ ଫାର୍ମାସ୍ୟୁଟିକାଲ ଓ ନର୍ସିଂ କଲେଜ୍ ପ୍ରତିଷ୍ଠା ହେଲେ, ସ୍ଥାନୀୟ ଗରିବ ଆଦିବାସୀ ଓ ଅନୁସୂଚିତ ଜାତିର ଯୁବକଯୁବତୀମାନେ ପାଠ ପଢ଼ି ନିଯୁକ୍ତି ସୁଯୋଗ ପାଆନ୍ତେ । ଏଠାରେ ଛତୁ ଫୁଟିଲାପରି ରହିଥିବା ନର୍ସିଂହୋମ୍ ଓ ପାଥୋଲୋଜି କେନ୍ଦ୍ର ଦେଖିଲେ, କେହି ବି ଏଠାରେ ଯଥାଶୀଘ୍ର ସରକାରୀ ଏଲୋପାଥି ମେଡିକାଲ କଲେଜ ଖୋଲାଯିବା ଅତ୍ୟାବଶ୍ୟକ ବୋଲି ନିଶ୍ଚୟ ମତ ଦେବେ । ସୀମାନ୍ତରେ ଅବସ୍ଥିତ ନୂଆପଡ଼ ଜିଲ୍ଲାର ସମସ୍ୟା ନୟାଗଡ଼ଠାରୁ ଭିନ୍ନ ନୁହେଁ । କିଛି ଜିଲ୍ଲାରେ ନୂଆ ହୋମିଓପାଥି ଓ ଆୟୁର୍ବେଦ ମେଡିକାଲ କଲେଜ ଖୋଲିବା ଅପେକ୍ଷା ସରକାରୀ ଓ ବେସରକାରୀ ସ୍ତରରେ ରହିଥିବା ଆୟୁଷ ମହାବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା ପାଇଁ ଉଦ୍ୟମ କରାଯିବା ଉଚିତ । ଚାରିଟି ସରକାରୀ ହୋମିଓପାଥି କଲେଜରେ ସିଟ୍ ସଂଖ୍ୟା ଦୁଇଗୁଣ କରିବା, ସମସ୍ତ ବିଭାଗରେ ଯୋଗ୍ୟ ଶିକ୍ଷକ, ପାରାମେଡିକାଲ କର୍ମଚାରୀ ନିଯୁକ୍ତି ଦେବା, ସମସ୍ତ ପିଜି ବିଭାଗରେ ଛାତ୍ର ଗ୍ରହଣ କରିବା, ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପନ କରିବା ଅଧିକ ଜରୁରି । ଯଦି ସରକାର ବିକଳ୍ପ ଓ ପାରମ୍ପରିକ ଆୟୁଷ ଚିକିତ୍ସାକୁ ଲୋକାଭିମୁଖୀ କରିବାକୁ ଆଗ୍ରହୀ, ତେବେ 'ଏମ୍ସ' ଭଳି ପ୍ରତ୍ୟେକ ମେଡିକାଲ କଲେଜର ହସ୍ପିଟାଲ, ଜିଲ୍ଲା ଓ ସବଡିଭିଜନାଲ୍ ହସ୍ପିଟାଲରେ ଆୟୁଷ ବିଭାଗ ଖୋଲି ହୋମିଓପାଥି, ଆୟୁର୍ବେଦ ଓ ଯୋଗ ଚିକିତ୍ସା ବ୍ୟବସ୍ଥା କରନ୍ତୁ, ରୁଗ୍ଣ ହୋଇଯାଉଥିବା ଆୟୁଷ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକୁ ସଶକ୍ତ କରନ୍ତୁ । ପ୍ରତ୍ୟେକ ଜିଲ୍ଲାରେ ଏଲୋପାଥି ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲି ସେଠାରେ ଆୟୁଷ ବିଭାଗ ଖୋଲିଲେ, ଆୟୁଷ ଡାକ୍ତର ନିଯୁକ୍ତି ପାଇବେ । ତାହା ନକରି, ନୂଆ ଆୟୁଷ ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲିବାର ଜିଦ୍ ଜନଅସନ୍ତୋଷ ସୃଷ୍ଟିର କାରଣ ହେବ ।

ଖୋଲା ପଡ଼ିଆ ଓ ଆମେ

୧୯୪୯ ମସିହାରେ ଆମେରିକାରେ ଗୋଟିଏ ପୁସ୍ତକ ପ୍ରକାଶିତ ହୋଇଥିଲା, ଯାହାର ଶୀର୍ଷକ ଥିଲା 'ଏକ୍ସପେରିମେଂଟ ଅନ୍ ମାସ୍ କମ୍ୟୁନିକେସନ୍', ଓଡ଼ିଆରେ କହିଲେ, 'ଗଣମାଧ୍ୟମକୁ ନେଇ ପରୀକ୍ଷାନିରୀକ୍ଷା ।' ସେଥିରେ କୁହାଯାଇଥିଲା ଯେ ଶାସକ, ପ୍ରଶାସକ ଓ ନ୍ୟାୟାଧୀଶମାନଙ୍କ ଦୋଷ ଓ ତ୍ରୁଟିକୁ ଜନସାଧାରଣଙ୍କ ଗୋଚରକୁ ଆଣିବା ଓ ସେମାନଙ୍କୁ ସଜାଗ କରିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହା ଥିଲା ସେଭଳି ଏକ ସମୟ ଯେତେବେଳେ ଗଣମାଧ୍ୟମର ପ୍ରତିନିଧିମାନେ ଏହି ଦାୟିତ୍ୱକୁ ଅତି ନିଷ୍ଠାର ସହିତ ସଂପାଦନ କରୁଥିଲେ । ଏବଂ ସେହି ସମୟ ମଧ୍ୟ ଥିଲା ଇତିହାସର କଡ଼ ଲେଉଟାଣି ବେଳ; ଉପନିବେଶବାଦ ସରି ଆସୁଥିଲା, ବିଭିନ୍ନ ମୋଡ଼ ଦେଇ ଗତି କରି ଗଣତନ୍ତ୍ର ଭୂମି ଉପରେ ସୁଦୃଢ଼ ହେଉଥିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ମାନବ ଜାତି ଆତ୍ମସମୀକ୍ଷା କରୁଥିଲା । ସେହି ସମୟରେ ପୃଥିବୀ ଗାନ୍ଧୀଜୀଙ୍କ ଅହିଂସ ପନ୍ଥାର ଶକ୍ତି ଓ ପ୍ରଭାବକୁ ସ୍ୱଚକ୍ଷୁରେ ଦେଖି ବିମୋହିତ ମଧ୍ୟ ହେଉଥିଲା । ସୁତରାଂ, ସେହି ସମୟ ଥିଲା ଅତିକାୟ ବ୍ୟକ୍ତିତ୍ୱମାନଙ୍କ ସମୟ, ଯେଉଁମାନେ ଥିଲେ ପ୍ରାଜ୍ଞ, ଦୂରଦ୍ରଷ୍ଟା ଓ ଆତ୍ମସମୀକ୍ଷା କରି ନିଜକୁ ସୁଧାରିବା ଲାଗି ବିନମ୍ର ଭାବେ ପ୍ରସ୍ତୁତ । ଆମ ଦେଶ କଥା ଦେଖନ୍ତୁ । ସେହି ସମୟରେ କିଂବଦନ୍ତୀୟ ବ୍ୟଙ୍ଗ ଚିତ୍ରକର ଶଙ୍କର ପିଲାଇଙ୍କୁ ପଣ୍ଡିତ ଜୱାହରଲାଲ ନେହରୁ କହିଥିଲେ, 'ଡୋଂଟ ସ୍ପେୟାର ମି ଶଙ୍କର' ଅର୍ଥାତ୍ 'ମୋତେ ଛାଡ଼ ନାହିଁ!' ଅର୍ଥାତ୍ ମୋତେ କଡ଼ା ସମାଲୋଚନା କର । ଓଡ଼ିଶାର ବିଖ୍ୟାତ ସମାଲୋଚନାମୂଳକ ପତ୍ରିକା 'ନିଆଁଖୁଂଟା'ର ସଂପାଦକ ଗୋଦାବରୀଶ ମହାପାତ୍ର ଥିଲେ ତତ୍କାଳୀନ ମହା ପ୍ରଭାବଶାଳୀ ନେତା ହରେକୃଷ୍ଣ ମହତାବ ଓ ରାଧାନାଥ ରଥଙ୍କର ଅତ୍ୟନ୍ତ ଘନିଷ୍ଠ ମିତ୍ର, ଅଥଚ ସେମାନଙ୍କୁ ସ୍ପଷ୍ଟ ଭାବେ କହୁଥିଲେ, ଆପଣମାନଙ୍କ ବିରୋଧରେ ନ ଲେଖିଲେ ମୋ 'ନିଆଁଖୁଂଟା' ବିକ୍ରି ହେବ କେମିତି ? ତ ସାମ୍ବାଦିକମାନେ ଲେଖୁଥିଲେ, ନେତାମାନେ ସହୁଥିଲେ, ଭୋଗୁଥିଲେ ବା ନିଜକୁ ସୁଧାରୁଥିଲେ । ଆମ ଦେଶରେ ଗଣମାଧ୍ୟମ ଉପରେ ଅଙ୍କୁଶ ଲାଗିଲା ଇନ୍ଦିରା ଗାନ୍ଧୀଙ୍କ 'ଇମର୍ଜେନ୍ ?ସି' କାଳରେ । 'ଇମର୍ଜେନ୍ସି' ପରେ ଅବଶ୍ୟ ଗଣମାଧ୍ୟମ ତା'ର ହୃତ୍ ସ୍ୱାଧୀନତା ଅନେକାଂଶରେ ଫେରି ପାଇଲା, କିନ୍ତୁ ଗଣମାଧ୍ୟମକୁ ବଶ ବା ବଶମ୍ବଦ କରିବାର ମୂଳଦୁଆ ପଡ଼ି ସାରିଥିଲା । ଆଜିର 'କୋଳାଶ୍ରିତ ଗଣମାଧ୍ୟମ' ବା 'ଗୋଦି ମିଡ଼ିଆ' ଆଉ କ'ଣ କି ? ସେହି ଦୃଷ୍ଟିରୁ ସାମାଜିକ ଗଣମାଧ୍ୟମର ଉନ୍ମେଷ ଓ ବିକାଶକୁ ସକାରାତ୍ମକ ଆଲୋକରେ ଦେଖାଯିବା ଉଚିତ ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com ([illegible]) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin: 769003

ରବି ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୨୮/୫(ନି/ପ୍ର): ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସ୍ଥାନୀୟ ଡିଏମଏଫ୍ ଅଡିଟୋରିୟମଠାରେ ୨୦୨୫-୨୬ ଧାନ ସଂଗ୍ରହ ବର୍ଷର ରବି ଋତୁ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ରବି ଋତୁରେ ଜିଲ୍ଲାର ୨୮ ଗୋଟି ସମବାୟ ସୋସାଇଟି ଜରିଆରେ ଚାଷୀଙ୍କଠାରୁ ସୁଚାରୁରୂପେ ଧାନ ସଂଗ୍ରହ କରାଯିବ। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ଆଜି ମଣ୍ଡି ନୋଡାଲ ଅଫିସର ଏବଂ ମଣ୍ଡି ସୁପରଭାଇଜର ମାନଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ଦିଆଯିବା ସହ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ନିଯୁକ୍ତ ହୋଇଥିବା ସମସ୍ତ ମଣ୍ଡି ନୋଡାଲ ଅଫିସର ଏବଂ ମଣ୍ଡି ସୁପରଭାଇଜର ମାନେ ନିଜ ନିଜ ମଣ୍ଡିରେ ନିୟମିତ ଉପସ୍ଥିତ ରହିବେ। ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ପ୍ରତ୍ୟେକ ମଣ୍ଡିରେ ପିଇବା ପାଣି, ବସିବା ପାଇଁ ଆବଶ୍ୟକ ଗୃହ ବା ବିଶ୍ରାମାଗାର, ସିସିଟିଭି ଏବଂ ଶୌଚାଳୟ ଭଳି ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମିର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସମ୍ପୃକ୍ତ ମିଲରମାନେ ଯେପରି ଠିକ୍ ସମୟରେ ମଣ୍ଡିକୁ ଗାଡ଼ି ପଠାଇ ଧାନ ଉଠାଣ କରିବେ, ତାହା ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଏହି ସମଗ୍ର ଧାନ କ୍ରୟ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଜିଲ୍ଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜିଲ୍ଲାର ସମସ୍ତ ଦାୟିତ୍ୱପ୍ରାପ୍ତ ଅଫିସରମାନେ ପ୍ରତ୍ୟେକ ଦିନ ନିଜ ଅଂଚଳର ମଣ୍ଡିଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ତଦାରଖ କରିବେ। ଧାନ ସଂଗ୍ରହ କାର୍ଯ୍ୟରେ କୌଣସି ପ୍ରକାରର ଶିଥିଳତା, ଅନିୟମିତତା କିମ୍ବା କର୍ତ୍ତବ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ, ସହକାରୀ ଯୋଗାଣ ଅଧିକାରୀ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଏବଂ ଜିଲ୍ଲାର ୫ ଗୋଟି ବ୍ଲକରୁ ଆସିଥିବା ସମସ୍ତ ନବନିଯୁକ୍ତ ମଣ୍ଡି ନୋଡାଲ ଅଫିସର ଓ ମଣ୍ଡି ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

ସରବାହଲରେ ହେବ ଅତ୍ୟାଧୁନିକ 'ଫୁଡ୍ କୋର୍ଟ' ଓ 'ଖାଓ ଗଲି'

ଝାରସୁଗୁଡ଼ା,୨୮/୫(ନି/ପ୍ର): ସହରର ସରବାହଲ ଅଂଚଳରେ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ଷ୍ଟ୍ରିଟ୍ ଭେଣ୍ଡର (ଖୁଚୁରା ବ୍ୟବସାୟୀ) ମାନଙ୍କର ସ୍ଥାୟୀ ଥଇଥାନ ଏବଂ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ସ୍ୱରୂପ ପୌରପାଳିକା ଅଂଚଳର ବ୍ୟବସାୟୀଙ୍କ ପାଇଁ ସରବାହାଲ ନିକଟରେ ପ୍ରାୟ ୫ ଏକର ପରିମିତ ଜମିରେ ଏକ ଅତ୍ୟାଧୁନିକ 'ଫୁଡ୍ କୋର୍ଟ' ଏବଂ 'ଖାଓ ଗଲି' ନିର୍ମାଣ କରାଯିବା ନେଇ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସ୍ଥାନୀୟ ଅଂଚଳ ପରିଦର୍ଶନ କରି ଏହି ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କରିବା ସହ ଏହାର ରୂପରେଖ ସମ୍ପର୍କରେ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସହ ଆଲୋଚନା କରିଛନ୍ତି। ଏମ୍ ଏସ ବି ୱାଇ ଅନ୍ତର୍ଗତରେ ଏହି ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ସ୍ତରରେ ୫୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ଜନସାଧାରଣ ଓ ବ୍ୟବସାୟୀଙ୍କ ସୁବିଧା ପାଇଁ ଆଲୋକୀକରଣ, ଶୌଚାଳୟ, ପିଇବା ପାଣି, ବସିବା ବ୍ୟବସ୍ଥା, ଗାଡ଼ି ପାର୍କିଂ ସୁବିଧା ଏବଂ ଏକ ଆକର୍ଷଣୀୟ ସେଲ୍ଫିପଏଂଟ ଭଳି ବିଭିନ୍ନ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ଜରିଆରେ ସରବାହଲ ଅଂଚଳରେ ଥିବା ସମସ୍ତ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଗୋଟିଏ ସ୍ଥାନରେ ସୁବ୍ୟବସ୍ଥିତ ଭାବେ ରଖାଯିବ। ବ୍ୟବସାୟୀ ଏବଂ ଗ୍ରାହକମାନଙ୍କ ସୁବିଧା ପାଇଁ ଏଠାରେ ଏକ ବୃହତ ଗାଡ଼ି ପାର୍କିଂ ସ୍ଥଳର ମଧ୍ୟ ବିକାଶ କରାଯିବ। ପ୍ରସ୍ତାବିତ ସରକାରୀ ଜମିରେ ଥିବା ଜବରଦଖଲକାରୀଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କୁ ସେଠାରୁ ଉଚ୍ଛେଦ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ସରକାରୀ ଜମିକୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ କରାଯାଇ କିପରି ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କୁହାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ମଲ୍ଲିକ ଜବରଦଖଲ ଚିହ୍ନଟ ପ୍ରକ୍ରିୟା ଏବଂ ପ୍ରକଳ୍ପର ପ୍ରାରମ୍ଭିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଓଇଚ କମର୍ସ ଏକାଡେମୀର ଅପୂର୍ବ ସଫଳତା, କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୮/୫(ନି/ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟସ୍ଥ ପ୍ରତିଷ୍ଠିତ ଆବାସିକ ଅନୁଷ୍ଠାନ ଓଇଚ କମର୍ସ ଏକାଡେମୀ ଚଳିତ ବର୍ଷ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ହାସଲ କରିଥିବା ଅଭୂତପୂର୍ବ ସଫଳତା ଅବସରରେ ଜିଲ୍ଲା ସଂସ୍କୃତି ଭବନଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲା। ଏହି ଅବସରରେ ୩୬ ଜଣ ଇ-୧ ଗ୍ରେଡ୍ ପ୍ରାପ୍ତ ଏବଂ ୬୬ ଜଣ ୫୦୦ରୁ ଅଧିକ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ କେନ୍ଦ୍ରାପଡ଼ା କଲେଜର ବାଣିଜ୍ୟ ବିଭାଗରେ ମୋଟ ୪୫ ଜଣ ଇ-୧ ମଧ୍ୟରୁ ଓଇଚ କମର୍ସ ଏକାଡେମୀର ୩୬ ଜଣ ଛାତ୍ରଛାତ୍ରୀ ଇ-୧ ହାସଲ କରି ଜିଲ୍ଲା ତଥା ରାଜ୍ୟସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଏକାଡେମୀର ଛାତ୍ରୀ ସୁପ୍ରିୟା ପ୍ରଧାନ ୫୮୪ ନମ୍ବର ରଖି ଜିଲ୍ଲା ରେ ପ୍ରଥମ ଏବଂ ରାଜ୍ୟ ରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଲକ୍ଷ୍ମୀପ୍ରିୟା ଦାସ ୫୮୦ ନମ୍ବର ସହ ଜିଲ୍ଲାରେ ଦ୍ୱିତୀୟ ଏବଂ ପ୍ରଶାନ୍ତ ମଣ୍ଡଳ ୫୭୯ ନମ୍ବର ରଖି ଜିଲ୍ଲା ରେ ତୃତୀୟ ସ୍ଥାନ ହାସଲ କରିଥିଲେ। ଅନୁଷ୍ଠାନର ଶୃଙ୍ଖଳିତ ପାଠପଢ଼ା, ନିୟମିତ ପରୀକ୍ଷା, ଯୋଗ-ପ୍ରାଣାୟାମ, ସୁନ୍ଦର ଆବାସିକ ପରିବେଶ ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପ୍ରତି ବିଶେଷ ଗୁରୁତ୍ୱ ଏହି ସଫଳତାର ମୂଳ କାରଣ ବୋଲି କୁହାଯାଉଛି। ବିଶେଷକରି ଅନୁଷ୍ଠାନର ପ୍ରମୁଖ ଶ୍ରୀକାନ୍ତ ରାଉତଙ୍କ ନେତୃତ୍ୱ ସହ ଶ୍ରୀକାନ୍ତ ପୋଥାଳ (ଟୁନା ସାର୍), ରବିନାରାୟଣ ମହାନ୍ତି(ମୁନ୍ନା ସାର୍) ଓ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକାଙ୍କ ନିଷ୍ଠାପର ପ୍ରୟାସ ଏହି ଉଲ୍ଲେଖନୀୟ ସଫଳତାକୁ ସମ୍ଭବ କରିପାରିଛି। କେବଳ ଶିକ୍ଷାଗତ ସଫଳତା ନୁହେଁ, ବରଂ ଉତ୍ତମ ସଂସ୍କାର, ନୈତିକ ମୂଲ୍ୟବୋଧ ଓ ଜୀବନରେ ସଫଳତା ହାସଲ ପାଇଁ ଆବଶ୍ୟକ ଦିଗଦର୍ଶନ ଯୋଗାଇ ଆସୁଥିବା ଓଇଚ କମର୍ସ ଏକାଡେମୀ ବର୍ତ୍ତମାନ ରାଜ୍ୟର ବାଣିଜ୍ୟ ଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ ହୋଇପାରିଛି। ଉତ୍ସବରେ ଉପସ୍ଥିତ ଅତିଥି, ଅଭିଭାବକ ଓ ଶିକ୍ଷାବିତ୍ମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଉତ୍ସବରେ ସଂଜୀବ ସାର, ଶିବା ସାର, ସରୋଜ ସାର, ରିଙ୍କୁ ସାର, ସତ୍ୟକାନ୍ତ ସାର, ସୁନୀଲ ସାର, ଦେବାଶିଷ ସାର, ସତ୍ୟଜିତ ସାର, ରଂଜିତ ସାର, ଓ ଚିତରଞ୍ଜନ ସାର ସହଯୋଗ କରିଥିଲେ। ଏହି ଉତ୍ସବକୁ ସଞ୍ଜୟ ସାର ପରିଚାଳନା କିରିଥିଲେ।

ସମାସିଂହା ଗ୍ରାମ ନାମଫଳକରେ ଭୁଲ ବନାନ: ପୂର୍ତ୍ତ ବିଭାଗକୁ ନେଇ ଅସନ୍ତୋଷ

ଝାରସୁଗୁଡ଼ା,୨୮/୫(ନି/ପ୍ର): ଝାରସୁଗୁଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ଏକ ସୂଚନା ଫଳକରେ ଗ୍ରାମର ନାମ ଭୁଲ ବନାନରେ ଲେଖାଯାଇଥିବାକୁ ନେଇ ସ୍ଥାନୀୟ ଅଚଂଳରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ସମସ୍ତ ଅଫିସ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ପାଇଁ ଜୋର ଦେଉଥିବା ବେଳେ ପୂର୍ତ୍ତ ବିଭାଗର ଏଭଳି ଅବହେଳାକୁ ନେଇ ଓଡ଼ିଆପ୍ରେମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁସାରେ, କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ଗ୍ରାମ ପୂର୍ନ୍ନ ରାସ୍ତାର ସାପ୍ତାହିକ ବଜାର ପ୍ରାଙ୍ଗଣ ନିକଟରେ ବିଭାଗ ପକ୍ଷରୁ ଲଗାଯାଇଥିବା ନାମଫଳକରେ "ସମାସିଂହା" ବଦଳରେ "ସମାରସିଂହା" ଲେଖାଯାଇଛି। ସେହିପରି ଇଂରାଜୀରେ ମଧ୍ୟ ଭୁଲ ଭାବେ " ସମାସିଂହା" ଲେଖାଯାଇଥିବା ଦେଖାଯାଇଛି। ଏନେଇ ପୂର୍ବତନ ସରପଂଚ ହେମନ୍ତ ସାହୁ କହିଛନ୍ତି ଯେ, ପୂର୍ତ୍ତ ବିଭାଗ ପକ୍ଷରୁ ଅଣଓଡ଼ିଆ କର୍ମଚାରୀଙ୍କୁ ଲେଖନୀ ଦାୟିତ୍ୱ ଦିଆଯାଉଥିବାରୁ ଏଭଳି ଭୁଲ ବନାନ ହେଉଛି। ସେ ତୁରନ୍ତ ଭୁଲ ସଂଶୋଧନ କରିବାକୁ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଅନେକ ଗ୍ରାମର ନାମଫଳକରେ ଭୁଲ ବନାନ ନେଇ ଅଭିଯୋଗ ହୋଇଥିଲା। ତେବେ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

ବେହେରାମାଲ୍ ଟ୍ରାଫିକ୍ ଛକରେ ଲାଗିବ 'ମିଷ୍ଟିଙ୍ଗ୍ ସିଷ୍ଟମ୍'

ଝାରସୁଗୁଡ଼ା,୨୮/୫(ନି/ପ୍ର): ସହରରେ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଉତାପରୁ ଜନସାଧାରଣ ଓ ଜେବ୍ରା କ୍ରସିଂରେ ଅପେକ୍ଷା କରୁଥିବା ବାହନ ଚାଳକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ୱାଟକୋ, ପୌରପାଳିକା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ସହରର ବେହେରାମାଲ୍ ଟ୍ରାଫିକ୍ ଛକଠାରେ ପ୍ରାଥମିକ ଭାବେ ଏକ ଆଧୁନିକ 'ମିଷ୍ଟିଙ୍ଗ୍ ସିଷ୍ଟମ୍' ସ୍ଥାପନ କରାଯାଇଛି। ଗତକାଲି ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଏକ ଡେମୋ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମ୍ମୁଖରେ କରାଯାଇଥିଲା। ଜିଲ୍ଲାପାଳ ଏହି ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସମୀକ୍ଷା କରିଥିଲେ। ଏହି ସ୍ୱତନ୍ତ୍ର 'ମିଷ୍ଟିଙ୍ଗ୍ ସିଷ୍ଟମ୍' ପ୍ରଯୁକ୍ତିବିଦ୍ୟା 'ଫ୍ଲାସ୍ ଇଭାପୋରେସନ୍' ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରିଥାଏ। ଏହି ସିଷ୍ଟମ୍ ବାୟୁମଣ୍ଡଳକୁ ଅତି ସୂକ୍ଷ୍ମ ଜଳକଣା ବିଚ୍ଛୁରିତ କରିଥାଏ, ଯାହା ପରିବେଶରେ ଥିବା ପ୍ରଚଣ୍ଡ ଉତାପକୁ ଶୋଷି ନେଇଥାଏ। ଫଳରେ ଆଖପାଖ ଅଂଚଳର ବାୟୁ ତୁରନ୍ତ ଥଣ୍ଡା ହୋଇଯାଏ ଏବଂ ସେଠାରେ ଉପସ୍ଥିତ ଥିବା ଲୋକମାନେ ତାପମାତ୍ରାରେ ଏକ ବଡ଼ ଧରଣର ହ୍ରାସ ଓ ଶୀତଳତା ଅନୁଭବ କରିପାରିବେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ଏହାକୁ ବେହେରାମାଲ୍ ଟ୍ରାଫିକ୍ ଛକରେ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯିବ। ଏହାର ସଫଳତା ଓ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପରେ ସହରର ଅନ୍ୟ ସମସ୍ତ ପ୍ରମୁଖ ତଥା ବ୍ୟସ୍ତବହୁଳ ଟ୍ରାଫିକ୍ ଛକଗୁଡ଼ିକରେ ମଧ୍ୟ ସମାନ ଭାବେ ଏହି 'ମିଷ୍ଟିଙ୍ଗ୍ ସିଷ୍ଟମ୍' ସ୍ଥାପନ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ।

ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବହୁ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପିତ ଓ ଭିତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା,୨୮/୫(ନି/ପ୍ର): ମୁଖ୍ୟମନ୍ତ୍ରୀଙ୍କ ସୁଚାରୁ ମାର୍ଗଦର୍ଶନରେ ଝାରସୁଗୁଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟଧାରା ଅଧିକ ତ୍ୱରାନିତ ହୋଇଛି। ଏହି କ୍ରମରେ ଝାରସୁଗୁଡ଼ା ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଂଚଳ ପାଇଁ ଆଜି ଏକ ଭବ୍ୟ କାର୍ଯ୍ୟକ୍ରମରେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭିତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହ ଭୋଇମୁଣ୍ଡା ଠାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ପଂଚାୟତ ସମିତିର ୨.୩୪ କୋଟି ଟଙ୍କା ବିନିମୟରେ ୩୪ ଗୋଟି ପ୍ରକଳ୍ପର ଲୋକାର୍ପଣ ଏବଂ ୨.୫୬ କୋଟି ଟଙ୍କା ବିନିମୟରେ ୨୨ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ଆମ ସରକାର ସବୁବେଳେ ଜନକଲ୍ୟାଣମୂଳକ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ।' ସେ ଆହୁରି ସୂଚନା ଦେଇଛନ୍ତି ଯେ, ଜିଲ୍ଲାରେ ଡି ଏମ୍ ଏଫ୍ ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଆସନ୍ତା ଜାନୁଆରୀ ମାସ ସୁଦ୍ଧା ଅଂଚଳରେ ଖେଳପଡ଼ିଆର ବିକାଶ କରାଯିବ ଏବଂ ରାସ୍ତା ଗମନାଗମନ କ୍ଷେତ୍ରରେ ବ୍ୟାପକ ସୁଧାର ଅଣାଯିବ, ଯାହାଦ୍ୱାରା ଲୋକମାନେ ଉନ୍ନତ ଯାତାୟାତର ସୁବିଧା ପାଇପାରିବେ। ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ କହିଛନ୍ତି ଯେ, ପ୍ରତ୍ୟେକ ଗ୍ରାମ ପଂଚାୟତରେ ଥିବା ସମସ୍ତ ହାଇସ୍କୁଲଗୁଡ଼ିକୁ ଆଗାମୀ ଦିନରେ +୨ କଲେଜରେ ରୂପାନ୍ତରିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜପୁର ହାଇସ୍କୁଲ ସମେତ ମୋଟ ୩୮ଟି ପଚାଂୟତ ହାଇସ୍କୁଲର +୨ ସ୍ତରୀୟ ରୂପାନ୍ତରଣ କାର୍ଯ୍ୟ କରାଯାଉଛି। ସେହିପରି ଗ୍ରାମୀଣ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପଚାଂୟତର ସରପଞ୍ଚସମାନେ ଯେଉଁ ବିକାଶମୂଳକ ଲିଖିତ ପ୍ରସ୍ତାବ ଦେବେ, ତାହାକୁ ଚଳିତ ବର୍ଷ ହିଁ ତୁରନ୍ତ ଲାଗୁ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। 'ସବକା ସାଥ ସବକା ବିକାଶ' ମାଧ୍ୟମରେ ସମଗ୍ର ଓଡ଼ିଶାର ନିଜସ୍ୱ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ। ସାମାଜିକ ସୁରକ୍ଷା ଏବଂ ଗରିବ କଲ୍ୟାଣ କ୍ଷେତ୍ରରେ ଏକ ଐତିହାସିକ ଘୋଷଣା କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଚଳିତ ବର୍ଷ ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ଭୂମିହୀନ ଗରିବ ପରିବାରଙ୍କୁ ନିଜସ୍ୱ ଘର ତିଆରି କରିବା ପାଇଁ ସରକାରଙ୍କ ପକ୍ଷରୁ ୪ ଡେସିମିଲ୍ ଲେଖାଏଁ ଜାଗା ପ୍ରଦାନ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗରିବ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଯିବ, ଯାହାଦ୍ୱାରା ଆଗାମୀ ଦିନରେ ବ୍ରଜରାଜନଗର ସମଗ୍ର ଓଡ଼ିଶାରେ ଏକ ସର୍ବୋତମ ଏବଂ ଆଦର୍ଶ ଅଂଚଳ ଭାବେ ଉଭା ହେବ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ୍ କୁମାର ଆଚାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି ଅବସରରେ ଗରିମାମୟ ଅତିଥି ଭାବେ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଝାରସୁଗୁଡ଼ା ପଚାଂୟତ ସମିତି ଅଧ୍ୟକ୍ଷା ଚିତ୍ରେଣୀ ପଟେଲ, ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା ଝରଣା ସାଗରଙ୍କ ସମେତ ବ୍ଲକ୍ ଅଧୀନରେ ଥିବା ସମସ୍ତ ଗ୍ରାମ ପଂଚାୟତର ସରପଂଚ ଏବଂ ଅନ୍ୟାନ୍ୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ଜିଲ୍ଲାରେ ବିପୁଳ ପରିମାଣର ବେଆଇନ ମଦ ଓ ମହୁଲ ପୋଚ ଜବତ

ଝାରସୁଗୁଡ଼ା,୨୮/୫(ନି/ପ୍ର): ଜିଲ୍ଲାରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ ଚୋରା ଚାଲାଣ ବିରୋଧରେ ଜିଲ୍ଲା ପୋଲିସ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି.ଆର. ରାଘବେନ୍ଦ୍ରଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ବେଆଇନ ମଦ ପ୍ରସ୍ତୁତି କେନ୍ଦ୍ର ଓ ଆଡ୍ଡା ଉପରେ ଅତର୍କିତ ଚଢ଼ଉ କରିଛି। ଏହି ଅପରେସନରେ ବିପୁଳ ପରିମାଣର ଦେଶୀ ରନ୍ଧା ମଦ, କଚାଂମାଲ ଏବଂ ଚୋରା ଚାଲାଣରେ ବ୍ୟବହୃତ ଗାଡ଼ି ଜବତ କରାଯାଇଛି। ଏହି ସ୍ୱତନ୍ତ୍ର ଚଢ଼ଉ ସମୟରେ ପୋଲିସ ସମୁଦାୟ ୮୭୦ ଲିଟର ବେଆଇନ ଦେଶୀ ରନ୍ଧା ମଦ ଜବତ କରିଛି। ଏହା ସହିତ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ୩୦ କ୍ୱିଟାଂଲରୁ ଅଧିକ ମହୁଲ ପୋଚକୁ ପୋଲିସ ନିଜ ନିୟନ୍ତ୍ରଣକୁ ନେଇଥିଲା। ବେଆଇନ ମଦ କାରବାରର ମୂଳୋତ୍ପାଟନ କରିବା ପାଇଁ ପୋଲିସ ତତ୍କାଳ ପଦକ୍ଷେପ ସ୍ୱରୂପ ଭାଟିଗୁଡ଼ିକୁ ଭାଙ୍ଗିବା ସହ ଘଟଣାସ୍ଥଳରେ ୨୦ କ୍ୱିଟାଂଲରୁ ଅଧିକ ମହୁଲ ପୋଚ ଓ ମଦ ପ୍ରସ୍ତୁତି ସାମଗ୍ରୀକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। ମଦ ମାଫିଆମାନେ ଚୋରା ଚାଲାଣ ପାଇଁ ବ୍ୟବହାର କରୁଥିବା ଗାଡ଼ିଗୁଡ଼ିକୁ ମଧ୍ୟ ପୋଲିସ ଜବତ କରିବାରେ ସଫଳ ହୋଇଛି। ଚଢ଼ଉ ବେଳେ ଗୋଟିଏ ୪ ଚକିଆ ଯାନ (କାର/ଭ୍ୟାନ୍) ଏବଂ ୪ଟି ମୋଟରସାଇକେଲ୍ (୨ ଚକିଆ ଯାନ) ଜବତ କରାଯାଇଛି। ଜବତ ହୋଇଥିବା ଗାଡ଼ି ଗୁଡ଼ିକ ଖୁବ୍ ଶୀଘ୍ର ନିଲାମ କରାଯିବ ବୋଲି ଜିଲ୍ଲା ଅବକାରୀ ବିଭାଗ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ମଦ ରାନ୍ଧିବା ପାଇଁ ବ୍ୟବହୃତ ବିପୁଳ ପରିମାଣର ପାତ୍ର, ଉପକରଣ ଏବଂ ମଦ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ଅନ୍ୟାନ୍ୟ ନିଷିଦ୍ଧ କେମିକାଲ୍ ଓ ସାମଗ୍ରୀକୁ ପୋଲିସ ଜବତ କରିଛି। ଜିଲ୍ଲାରେ ବେଆଇନ ନିଶା କାରବାରକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ଆଗକୁ ଏହିପରି ଚଢ଼ଉ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଓଡ଼ିଶା ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଉଛି ଏବଂ ଏହି ର୍ୟାକେଟ୍ ପଛରେ ଥିବା ଅନ୍ୟ ଅପରାଧୀମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

ମୁଖ୍ୟମନ୍ତ୍ରୀ ଏବଂ ବେଦାନ୍ତ ଅଧ୍ୟକ୍ଷଙ୍କ ମଧ୍ୟରେ ବେଦାନ୍ତର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୨୮/୫(ନି/ପ୍ର): ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ବେଦାନ୍ତର ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ନୂତନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଅନିଲ ଅଗ୍ରୱାଲଙ୍କ ସହିତ ଆଲୋଚନା କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଯେପରି ଠିକ୍ ସମୟରେ କାର୍ଯ୍ୟକାରି ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରି ବେଦାନ୍ତ ରାଜ୍ୟରେ ଏକ ବୃହତ୍ ପୁଞ୍ଜିନିବେଶକାରୀ ଭାବେ ପରିଗଣିତ ହେଉଛି। ରାୟଗଡ଼ା ଜିଲ୍ଲାରେ ୬୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନେରୀ, ଢେଙ୍କାନାଳ ଜିଲ୍ଲାରେ ୩୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ଏବଂ ୬୦୦୦ ମେଗାୱାଟ୍ ବିଶିଷ୍ଟ ବିଦ୍ୟୁତ୍ ପ୍ରକଳ୍ପ, ଡାଉନ୍ ଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ, କୋଇଲା ଏବଂ ବକ୍ସାଇଟ୍ ସମନ୍ୱିତ ଶିଳ୍ପ ଇତ୍ୟାଦି ବେଦାନ୍ତ ପକ୍ଷରୁ ଓଡ଼ିଶାରେ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି । ଏହି ସମସ୍ତ ପ୍ରକଳ୍ପ ମିଳିତ ଭାବେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ। ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍ ଏବଂ ପ୍ରତିରକ୍ଷା ଭଳି କ୍ଷେତ୍ର ପାଇଁ ଅତ୍ୟାଧୁନିକ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ବେଦାନ୍ତ ଏହାର ସ୍ମେଲ୍ଟର ନିକଟରେ ଡାଉନ୍ ଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ ସ୍ଥାପନ କରିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଓଡ଼ିଶା ବିଶ୍ୱର ସବୁଠାରୁ ବଡ଼ ଆଲୁମିନିୟମ୍ ଉତ୍ପାଦନ ହବ୍ ଭାବରେ ପରିଚୟ ସୃଷ୍ଟି କରିପାରିବ । ଏହାଦ୍ୱାରା ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ହଜାର ହଜାର ନୂତନ ଏମ୍ଏସ୍ଏମ୍ଇ ସୃଷ୍ଟି ହୋଇପାରିବ। ଢେଙ୍କାନାଳରେ ବିଦ୍ୟୁତ୍ ପ୍ରକଳ୍ପ ଓ ସ୍ମେଲ୍ଟର ଏବଂ ରାୟଗଡ଼ାରେ ଆଲୁମିନା ରିଫାଇନେରୀ ପ୍ରକଳ୍ପ ପାଇଁ ଜମି ଆବଟଂନ କରାଯାଇଛି। ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ପ୍ରଦାନ ମଧ୍ୟ ଠିକ୍ ଭାବେ ଚାଲିଛି । କମ୍ପାନୀର ନୂତନ କୋଇଲା ବ୍ଲକ ଚଳିତ ବର୍ଷ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ, ଏହାର ଆଗାମୀ ବକ୍ସାଇଟ୍ ଖଣି ନିକଟରେ ଏକ ପ୍ରସ୍ତାବିତ ରେଳ ସଂଯୋଗକୁ ମଧ୍ୟ ରେଳ ମନ୍ତ୍ରଣାଳୟ ଦ୍ୱାରା ମଞ୍ଜୁରୀ ପ୍ରଦାନ କରାଯାଇଛି।ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବେଦାନ୍ତର ଏହି ପୁଞ୍ଜିନିବେଶ ଆମ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ ।

ଜଗନ୍ନାଥ ମନ୍ଦିର ପୂଜକ ଭାସ୍କର ଶତପଥୀଙ୍କ ପରଲୋକ

ଭଦ୍ରକ,୨୮/୫:ଏହି ଜିଲାର ଆଗରପଡା ବି.ଟି.ପୁରର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଭାସ୍କର ଚନ୍ଦ୍ର ଶତପଥି(୮୦)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଜମାନ କାର୍ଯ୍ୟ କରି ସଂପୃକ୍ତ ଅଚଂଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଗ୍ରାମ ହରିହାଟର ମୁଖ୍ୟ ଭାବେ ରହି ସର୍ବଦା ଧର୍ମ ଚର୍ଚ୍ଚା କରି ଆସୁଥିଲେ।

ବିଦ୍ୟୁତ୍ ଯୋଗାଣ ଏବଂ ରିଲିଫ୍ ଦାବି କରି ରାସ୍ତା ଅବରୋଧ କଲେ ବସ୍ତି ବାସିନ୍ଦା

ରାଉରକେଲା,୨୮/୫(ନି/ପ୍ର) : ସୋମବାର ଅପରାହ୍ନରେ କାଳବୈଶାଖୀ ଘୂର୍ଣ୍ଣିଝଡ଼ ପ୍ରଭାବରେ ରାଉରକେଲାର ବିଭିନ୍ନ ଅଂଚଳରେ ଗଛ ଉପୁଡ଼ିବା ସହିତ କେତେକ ସ୍ଥାନରେ ଘର ମଧ୍ଯ ଭାଙ୍ଗି ଯାଇଥିଲା । ଘୂର୍ଣ୍ଣିଝଡ଼ ପ୍ରଭାବିତ ଅଚଂଳଗୁଡ଼ିକ ମଧରେ ସେକ୍ଟର-୨ ଖରିଆବାହାଲ ବସ୍ତି, ଗଞ୍ଜୁ ବସ୍ତି, କଲ୍ୟାଣ ବସ୍ତି ବଲାଙ୍ଗୀର ବସ୍ତି ଏବଂ ଜି-ବ୍ଲକ ବସ୍ତି ଅନ୍ତର୍ଭୁକ୍ତ ଥିଲା ବେଳେ ଏଥିରେ ମୋଟ ୧୩୮ଟି ଘର ସମ୍ପୂର୍ଣ୍ଣ ଓ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଏବଂ ୯୮ଟି ପରିବାର ପ୍ରଭାବିତ ହୋଇଥିବା ବେଳେ ରାଉରକେଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପଲିଥିନ ପାଲ ଯୋଗାଇ ଦିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ଅପରପକ୍ଷରେ ପ୍ରଭାବିତ ବିଭିନ୍ନ ସେକ୍ଟର ଅଂଚଳରେ ବିଦ୍ୟୁତ ଖୁଂଟ ଉପୁଡି ପଡିଥିବା ଯୋଗୁଁ ଆଜିପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଏବଂ ଜଳ ଯୋଗାଣ ବ୍ୟାହତ ହୋଇଛି । ବସ୍ତି ବାସିନ୍ଦାମାନେ ଖାଦ୍ୟ ଓ ପାଣି ଆବଶ୍ୟକ କରୁଥିବା ବେଳେ ରାଉରକେଲା ପ୍ରଶାସନ ତଥା ରାଉରକେଲା ମହାନଗର ନିଗମ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି । ଖାଦ୍ୟ, ପାଣି ଏବଂ ବିଦ୍ୟୁତ ଯୋଗାଣ ଦାବିକରି ଆଜି ରାସ୍ତା ଅବରୋଧ କରିଛନ୍ତି ସେକ୍ଟର-୨ ଖରିଆବାହାଲ ବସ୍ତି ବାସିନ୍ଦା । ସେମାନେ ରାସ୍ତା ଅବରୋଧ କରି ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ, ୪ ଦିନ ହୋଇଗଲାଣି । ବିଦ୍ୟୁତ୍ ଲାଇନ୍ ନାହିଁ, ପାଣି ନାହିଁ, ଖାଦ୍ୟ ନାହିଁ । ସୋମବାର କାଳବୈଶାଖୀ ଝଡ଼ରେ ସବୁ ଧ୍ୱଂସ ହୋଇ ଯାଇଛି । ଲୋକଙ୍କ ଧର୍ଯ୍ୟଚ୍ୟୁତି ଘଟିଛି । ପ୍ରତିବାଦରେ ୧ ନମ୍ବର୍ ସେକ୍ଟରର ଏନ୍ଆଇଟି ରୋଡ ଅବରୋଧ କରିଛନ୍ତି ବସ୍ତି ବାସିନ୍ଦା । ରାସ୍ତା ଅବରୋଧ ଯୋଗୁଁ ବସ୍ ସେବା ବ୍ୟାହତ ହୋଇଛି । ରାଉରକେଲା ପ୍ରଶାସନ ପକ୍ଷରୁ ତୁରନ୍ତ ସେମାନଙ୍କୁ ରିଲିଫ ବ୍ୟବସ୍ଥା କରାଯିବାକୁ ଦାବି କରିଛନ୍ତି ବସ୍ତି ବାସିନ୍ଦା ।

ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସର ଶୁଭାରମ୍ଭ

ରାଉରକେଲା,୨୮/୫(ନି/ପ୍ର) : ଓରମାସ୍ ସୁନ୍ଦରଗଡ଼ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ "୧୦କେ ଏଫପିଓ" କାର୍ଯ୍ୟକ୍ରମ ଅଧୀନରେ କୃଷକମାନଙ୍କ ଜୀବିକା ସୁଦୃଢ଼ କରିବା ଏବଂ କୃଷିଜାତ ଉତ୍ପାଦର ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ଏକ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ପରିପ୍ରେକ୍ଷୀରେ ରେ ଆଜି ଓଡ଼ିଶା ସରକାରଙ୍କ ପଚାଂୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ "ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ" ରଥକୁ ସବୁଜ ପତାକା ଦେଖାଇବା ସହ ମଦର ଡେରୀ, ଦିଲ୍ଲୀକୁ ଆମ୍ବ ରପ୍ତାନୀର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ସାର୍କିଟ ହାଉସ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ କୁମାର ସାହୁ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଓରମାସ ଡେପୁଟି ସି ଇ ଓ କେଶବ ଝା ,ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଓ ବିଡିଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ୧୦କେ ଏଫପିଓ ପଦକ୍ଷେପ ଅନୁସାରେ ଲେଫ୍ରିପଡା, ବଣାଇଁ, ନୂଆଗାଁ, ସବଡେଗା ଓ ଲହୁଣୀପଡାର କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ମାନେ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ, ଲିଚୁ ଓ ତରଭୁଜ ସଂଗ୍ରହ କରି "ଗାଁ ଆମ୍ବ ପସରା" ଏବଂ ସୁନ୍ଦରଗଡ଼ସ୍ଥିତ ଓରମାସ୍ ଆଉଟଲେଟ୍ ମାଧ୍ୟମରେ ବିକ୍ରୟ କରୁଛନ୍ତି । ଏଫପିଓ କୃଷକମାନଙ୍କୁ ସିଧାସଳଖ ପ୍ରତିଷ୍ଠାନଗତ କ୍ରେତାଙ୍କ ସହ ଯୋଡ଼ାଯାଇ ପାରୁଛି ଏବଂ ମଧ୍ୟସ୍ଥିଙ୍କ ଭୂମିକା ହ୍ରାସ କରାଯାଉଛି । ଫଳସ୍ୱରୂପ କୃଷକମାନେ ପ୍ରାକୃତିକ ଭାବେ ପାଚିଥିବା ଫଳ ପାଇଁ ଉଚିତ ମୂଲ୍ୟ ପାଇବାର ସୁଯୋଗ ଲାଭ କରିଛନ୍ତି ।

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ବୁଥସ୍ତରୀୟ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ

ସୁନ୍ଦରଗଡ଼,୨୮/୫(ନି/ପ୍ର) : ରାଜ୍ୟରେ ଆରମ୍ଭ ହୋଇଯାଇଅଛି ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍. ନିମନ୍ତେ ବିଭିନ୍ନ ପ୍ରକ୍ରିୟା । ଏଥି ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲାରେ ବୁଥ ସ୍ତରୀୟ ଅଧିକାରୀ ବା ବି. ଏଲ. ଓ. ମାନଙ୍କର ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହୋଇଅଛି । ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବା ଏ. ଇ . ଆର .ଓ, ବୁଥ ସ୍ତରୀୟ ଅଧିକାରୀ, ବୁଥ ସ୍ତରୀୟ ଅଧିକାରୀଙ୍କ ସୁପରଭାଇଜର ଏବଂ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ । ଏସ ଆଇ ଆର ପ୍ରକ୍ରିୟାର ଉଦ୍ଦେଶ୍ୟ ହେଉଛି ସଠିକ୍ ଭୋଟର ତାଲିକାକୁ ସୁନିଶ୍ଚିତ କରିବା ଏବଂ ସମସ୍ତ ଯୋଗ୍ୟ ଭୋଟର ମାନଙ୍କୁ ତାଲିକା ଅନ୍ତର୍ଭୁକ୍ତ କରିବା । ଏହି ପ୍ରଶିକ୍ଷଣରେ ଏସ ଆଇ ଆର୍ ଅର୍ନ୍ତଗତ ବିଭିନ୍ନ ସମୟ ସୀମା ମଧ୍ୟରେ ଥିବା ସମସ୍ତ ପ୍ରକ୍ରିୟା, ବି. ଏଲ. ଓ. ମାନଙ୍କ ଦ୍ୱାରା ଘର କୁ ଘର ବୁଲି ଫର୍ମ ବିତରଣ ଓ ଫର୍ମ ସଂଗ୍ରହ, ଫର୍ମ ପୂରଣ ପଦ୍ଧତି ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହା ସହିତ ଏହି ପ୍ରକ୍ରିୟା ରେ ବି ଏଲ ଓ ସୁପରଭାଇଜର ମାନଙ୍କ ଦାୟିତ୍ୱ ଉପରେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏଥି ସହିତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବି. ଏଲ . ଓ. ମାନେ କ୍ଷେତ୍ରରେ

କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା । ପ୍ରକାଶ ଥାଉକି, ଚଳିତ ମଇ ୩୦ ତାରିଖରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଏହି ବୁଥ ସ୍ତରୀୟ ଅଧିକାରୀ ମାନେ ଘର କୁ ଘର ବୁଲି ପରିଗଣନା ଫର୍ମ ବଂଟନ କରିବେ । ଏହି ପ୍ରକ୍ରିୟାରେ ସମସ୍ତ ଜିଲ୍ଲାବାସୀ ସକ୍ରିୟ ସାମିଲ ହେବା ସହିତ ବି ଏଲ ଓ ମାନେ ଘର କୁ ଆସିଲେ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ତଥା ଯୋଗ୍ୟ ଭୋଟର ମାନେ ଯେଭଳି ତାଲିକାରୁ ବାଦ୍ ନପଡ଼ିବେ ତାହା ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ମୁସଲିମ ସମ୍ପ୍ରଦାୟର ପବିତ୍ର ଇଦ -ଉଲ -ଜୁହା ପର୍ବ ଉପଲକ୍ଷେ ରାଉରକେଲା ଇଦଗା ମୈଦାନ ଠାରେ ଅନୁଷ୍ଠିତ ସମୂହ ନମାଜ ପାଠ କାର୍ଯ୍ୟକ୍ରମ

୬୫୦ କେଜି ଗଞ୍ଜେଇ ଜବତ, ୧ ଗିରଫ

ମାଲକାନଗିରି, ୨୮/୫: ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏମଭି-୬୬ ଅଚଂଳରେ କାଲିମେଲା ପୋଲିସ୍ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ୬୫୦ କିଲୋ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ସାରିଗାଟା ଗ୍ରାମର ଅବସ୍କଣ୍ଡର ନାଗେଶ ସିରୁଗୁରୁ (୩୦) ବୋଲି ପୁଲିସ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଏମଭି-୬୬ ଅଚଂଳରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଚିଁ ସନ୍ଦେହ ଜଣକ ଭାବେ ଯାଂଚ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ ।

ଡେଙ୍ଗୁ, ମ୍ୟାଲେରିଆ ଓ ଜ୍ୱର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୨୮/୫(ନି/ପ୍ର) :ଡେଙ୍ଗୁ, ମ୍ୟାଲେରିଆ ଓ ଜ୍ୱର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଧାଡି ଗ୍ରାମର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ଅଧୀନରେ ଥିବା ଚନ୍ଦୁଆ ଗ୍ରାମରେ ଡେଙ୍ଗୁ, ମ୍ୟାଲେରିଆ ଓ ଋତୁକାଳୀନ ଜ୍ୱର ପ୍ରତିରୋଧ ପାଇଁ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁରର ପ୍ରୟାସରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଅଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ଋତୁକାଳୀନ ରୋଗର ଭୟାବହତା ଓ ତାହାର ପ୍ରତିରୋଧ ଉପାୟ ବିଷୟରେ ଜଣାଯାଇଥିଲା । "ଆମ ଗ୍ରାମ, ଆମ ଦାୟିତ୍ୱ" ବାର୍ତ୍ତା ସହ ଲୋକମାନଙ୍କୁ ଘର ଚାରିପାଖ ସଫା ରଖିବା, ଜମା ପାଣି ହଟାଇବା, ମଶାଦାନୀ ବ୍ୟବହାର କରିବା ଏବଂ ଜ୍ୱର ହେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରିବାକୁ ପ୍ରେରିତ କରାଯାଇଥିଲା । ଗୋଡିହଞ୍ଜେର ଓ ବାଲେଲ ଗ୍ରାମ ପଚାଂୟତର ଗାଗଡ଼ ସାଥୀ ଏହି ପଥପ୍ରାନ୍ତ ନାଟକକୁ ଜୀବନ୍ତ କରିଥିଲେ । ପାୟଲ ଖୋରା, ବୁନି ବଦନାୟକ, ସବିତା କିର୍ସାନି, ଲକ୍ଷ୍ମୀ ସିସା ଓ ରଶ୍ମିତା ଖିଲ ଙ୍କ ସଶକ୍ତ ଅଭିନୟ ଓ ସଚେତନତାମୂଳକ ସନ୍ଦେଶ ଗ୍ରାମବାସୀଙ୍କୁ ଆକର୍ଷିତ କରିଥିଲା । ଗୀତ ଓ ସଂଳାପ ମାଧ୍ୟମରେ ସେମାନେ ଏକ ସରଳ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଦେଇଥିଲେ "ସଚେତନତା ହିଁ ସୁରକ୍ଷା" । ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ଶିଶୁ ଏବଂ ବୃଦ୍ଧମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସେମାନଙ୍କୁ ପୋଷଣ, ସ୍ୱାସ୍ଥ୍ୟ ସୁରକ୍ଷା ଓ ଋତୁକାଳୀନ ରୋଗ ସମୟରେ କେମିତି ସତର୍କ ରହିବା

ପଦ୍ମିନୀ ଏକାଦଶୀ ଅବସରରେ ତ୍ରିଶକ୍ତି ମନ୍ଦିରରେ ଭଜନ ସନ୍ଧ୍ୟା

ରାଉରକେଲା,୨୮/୫(ନି/ପ୍ର) : ପଦ୍ମିନୀ ଏକାଦଶୀ ଅବସରରେ ରାଉରକେଲାର ହନୁମାନ ଭାଟିକା ପରିସର ସ୍ଥିତ ତ୍ରିଶକ୍ତି ମନ୍ଦିରରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ୟାମ ବାବାଙ୍କୁ ଫୁଲରେ ସଜ୍ଜିତ କରାଯାଇ ଏକ ଦିବ୍ୟ ଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା । ମନ୍ଦିରର ପୁରୋହିତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା କରାଯିବା ପରେ, ପର୍ଶ୍ଚିମବଙ୍ଗର କୋଲକାତାରୁ ଆସିଥିବା ମାହି ଗର୍ଗ ଭକ୍ତମାନଙ୍କୁ ଶ୍ୟାମ ବାବାଙ୍କ ଭଜନ ଗୋଟିଏ ପରେ ଗୋଟିଏ ଗାନ କରିଥିଲେ । ଏହି ଭଜନ ଶୁଣି ଭକ୍ତମାନେ ନାଚିବା ଆରମ୍ଭ କରିଥିଲେ । ମହେଶ ମ୍ୟୁଜିକାଲ୍ ଗ୍ରୁପ୍ ଭଜନ ସନ୍ଧ୍ୟାରେ ଅଧିକ ଆକର୍ଷଣୀୟ କରିଥିଲେ । ସନ୍ଧ୍ୟା ୭ଟାରୁ ଭଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିପାଇଁ ତ୍ରିଶକ୍ତି ମନ୍ଦିର ପରିସରକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଥିଲା । ରାଣୀ ସତୀ ଏବଂ ସାଲାସର ହନୁମାନଙ୍କ ଦରବାରକୁ ମଧ୍ୟ ଫୁଲରେ ସଜାଯାଇଥିଲା । ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ରାଉରକେଲା ଏବଂ ନିକଟବର୍ତ୍ତୀ ଅଚଂଳର ଶ୍ୟାମ ଭକ୍ତମାନେ ଅଂଶଗ୍ରହଣ କରିଥିଲେ । ଶେଷରେ, ଶ୍ୟାମ ବାବାଙ୍କ ଆରତୀ କରାଯାଇଥିଲା ଏବଂ ଭକ୍ତମାନଙ୍କୁ ପ୍ରସାଦ ବଂଟନ କରାଯାଇଥିଲା । ମନ୍ଦିର କମିଟି ଦ୍ୱାରା ଏକ ଭୋଜି ମଧ୍ୟ ଆୟୋଜନ କରାଯାଇଥିଲା ।

ଦୋରାଗୁଡ଼ା ହାଟରୁ ବାଇକ୍ ଚୋରୀ ଅଭିଯୋଗ

ଜୟପୁର,୨୮/୫(ନି/ପ୍ର) :କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦୋରାଗୁଡ଼ା ସାପ୍ତାହିକ ହାଟରୁ ବାଇକ୍ ଚୋରୀ ଅଭିଯୋଗ ନେଇ ଥାନା ଦ୍ୱାରସ୍ଥ ହୋଇଛନ୍ତି ଗାଡ଼ି ମାଲିକ ଉଗୁ ସାଗରିଆ । ଏତଲା ଅନୁଯାଇ, କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ବଡ଼କେରଙ୍ଗା ପଂଚାୟତର ଗଂଜେଇ ପଦର ଗାଁର ଉଗୁ ସଗରିଆ(୩୮) ନିଜ ସବୁଜ ରଙ୍ଗର ଏଚ୍‌ଡି ଡିଲକ୍ସ ବାଇକ୍(ଓଡ଼ ୧୦ ଖ ୪୩୦୨) ଯୋଗେ ଗତ ତା ୨୫-୦୫-୨୬ରିଖ ଦିନ ଗୋଟାଏ ସମୟରେ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଚନ୍ଦ୍ରପୋଡ଼ା ପଂଚାୟତର ଦୋରାଗୁଡ଼ା ସାପ୍ତାହିକ ହାଟକୁ ଆସଥିଲେ । ହାଟ ନିକଟରେ ବାଇକ୍ ରଖି ହାଟ କାମ ସାରି ଘରକୁ ଫେରିବା ପାଇଁ ବାହାରିଲେ । ହେଲେ ବାଇକ୍ ଯେଉଁ ସ୍ଥାନରେ ରଖିଥିଲେ ସେଠାରୁ ବାଇକ ନଥିଲା ।

ବିଦ୍ୟୁତ ଆଘାତରେ ଯୁବକର ମୃତ୍ୟୁ

ରାଜଗାଙ୍ଗପୁର,୨୮/୫(ନି/ପ୍ର): ବୁଧବାର ଜଣେ ବ୍ୟବସାୟୀଙ୍କ ଘରେ ବିଦ୍ୟୁତ ଫେନ ମରାମତି କରିବା ପାଇଁ ଯାଇ ସେଠାରେ ବିଦ୍ୟୁତ ଆଘାତରେ ଯୁବକର ମୃତ୍ୟୁ ହେବା ଜଣାଯାଇଛି । ବିଶେଷ ସୁତ୍ରରୁ ଜଣା ଯାଇଛି ଯେ ରାଜଗାଙ୍ଗପୁର ସହର ର ଶାନ୍ତି ନଗର ରେ ଜଣେ ବ୍ୟବସାୟୀ ଙ୍କର ଷ୍ଟାଣ୍ଡ ଫେନ ଟି ଖରାପ ଥିବା ଫେନ ଟିକୁ ଭାଟା ପଡା ନିବାସୀ ଅମରଜିତ ସିଂଙ୍କ ପୁଅ ମଞ୍ଜିତ ସିଂ (୧୯)କୁ ପଙ୍ଖା ମରାମତି କରିବା ପାଇଁ ଡାକି ଥିଲେ । ସେ ଯାଇ ଫେନ ଟିକୁ ମରାମତି କରିବା ଆରମ୍ଭ କରିବା ଥିଲେ କୌଣସି କାରଣ ରୁ ବିଦ୍ୟୁତ ସ୍ୱର୍ଶରେ ଆସି ଯାଇଥିଲେ କିନ୍ତୁ ବ୍ୟସାୟୀ ଜଣଙ୍କ ବିଦୁତ ଆଘାତ ହୋଇଥିବା ଜାଣିବାରେ ବିଳମ୍ବ ହୋଇଥିଲା କିନ୍ତୁ ହଟାତ ଦେଖା ସମୟକୁ ମୂର୍ମୁଷ ଅବସ୍ଥାରେ ମଞ୍ଜିତ କୁ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ପହଚିଁ ତଦନ୍ତ କରି ମଞ୍ଜିତ ର ମୃତ ଶରୀରକୁ ଜବତ କରି

ଅପମୃତ କେସ ରୁଜୁ କରି ଶବ ବ୍ୟବଚ୍ଛେଦ କରି ଥିଲେ । ଏହି ଘଟଣା କୁ ନେଇ ଲୋକଙ୍କ ମନରେ ସନ୍ଦେହ ଯାତ ହେଉ ଅଛି ଯଦି ସେହି ବ୍ୟବସାୟୀ ତାଙ୍କୁ ଫେନ ମରାମତି ପାଇଁ ଡାକି ଥିଲେ ତାହେଲେ ତାର ଇଲେକ୍ଟ୍ରିକ କାମରେ ଅଭିଜ୍ଞତା ଏବଂ ବୈଷୟିକ୍ଙ୍କ ଜ୍ଞାନ ଥିଲା କି ନାହିଁ ତାର ଉପରେ ଗୃହ ମଲ୍ଲିକ ଯାଂଚ କରି ତାକୁ ମରାମତି କାର୍ଯ୍ୟ କରାଉଥିଲେ କି?ଲେବର ଆଇନରେ ଥିବା ଅନୁଯାଇ ତାର ଯଦି ସେହି ପରି ଅଭିଜ୍ଞତା ନଥିଲା ତାହାହେଲେ ତାର ମୃତ୍ୟୁର ପାଇଁ ଗୃହକର୍ତ୍ତା ସମ୍ପୂର୍ଣ୍ଣ ଦାଇ ରହିବା ସହ ତାର କ୍ଷତି ଭରଣ କରିବା ନିୟମ ରହିଛି ।ପ୍ରଶାସନ ଏହା ଉପରେ ତଦନ୍ତ କରି ଉପ ଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୃଦ୍ଧିଜିବି ମାନେ ଦାବୀ କରିଛନ୍ତି ।

ଦାଡ଼ିଆପଦରେ ବଣୁଆ ହାତୀପଲ ଆତଙ୍କ

ବଲାଙ୍ଗୀର,୨୮/୫(ନି/ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଂଚଳରେ ଦୀର୍ଘ ଦୁଇ ବର୍ଷ ଧରି ବଣୁଆ ହାତୀପଲ ଆତଙ୍କ ସୃଷ୍ଟି କରୁଛନ୍ତି । ଏବେ ରେଞ୍ଜ ଅଂଚଳରେ ୨୧ଟିକିଆ ବଣୁଆ ହାତୀପଲ ବିଭିନ୍ନ ଗାଁକୁ ଯାଇ କ୍ଷୟକ୍ଷତି କରୁଥିବା ଦେଖିବାକୁ ମିଳିଛି । ରାତ୍ରିରେ ଏହି ହାତୀପଲ ସଦର ସେକ୍ସନ ହଳଦୀ ଗ୍ରାମପଂଚାୟତ ଦାଡିଆପଦର ଗାଁ ଭିତରକୁ ପଶିଆସି ବହୁ ଘର ଦ୍ୱାର ଭଙ୍ଗାରୁଜା କରିବା ସହ ବ୍ୟାପକ କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି ।

ପ୍ରଶାସନ ପକ୍ଷରୁ ପଲିଥିନ୍ ବଂଟନ

ରାଉରକେଲା,୨୮/୫ (ନି/ପ୍ର) : ଗତ ସୋମବାର ଅପରାହ୍ନରେ କାଳ ବୈଶାଖୀ ଯୋଗୁଁ ପ୍ରଭାବିତ ଅଂଚଳ ଗୁଡିକର ବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ୍ ବଂଟନ କରାଯାଇଛି । ରାଉରକେଲା ତହସିଲଦାର ଦେଇଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ କରାଯାଇଥିବା ସର୍ଭେ ଅନୁଯାୟୀ ମୋଟ ୧୩୮ଟି ଘର ସମ୍ପୂର୍ଣ୍ଣ ଓ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ପ୍ରଭାବିତ ଅଚଂଳଗୁଡ଼ିକ ମଧ୍ୟରେ ଖରିଆ ବସ୍ତି, ଗଞ୍ଜୁ ବସ୍ତି, କଲ୍ୟାଣ ବସ୍ତି, ବଲାଙ୍ଗୀର ବସ୍ତି ଓ ଜି-ବ୍ଲକ ବସ୍ତି ଅନ୍ତର୍ଭୁକ୍ତ ଅଛି । ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ବ୍ୟବସ୍ଥା ଗ୍ରହଣ କରାଯାଇ ୯୮ଟି ପ୍ରଭାବିତ ପରିବାରଙ୍କୁ ପଲିଥିନ ବଂଟନ କରାଯାଇଛି । ବାକି ପରିବାରମାନଙ୍କ ପାଇଁ ସହାୟତା ଓ ଅଧିକ ସର୍ଭେ କାର୍ଯ୍ୟ ଜାରି ରହିଛି ।

ଦାରିଙ୍ଗବାଡ଼ି ପର୍ଯ୍ୟଟନ ପାଇଁ ଆଧିକାରୀକ ୱେବସାଇଟ୍ ଆରମ୍ଭ

କନ୍ଧମାଳ,୨୮/୫(ନି/ପ୍ର) :କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଦାରିଙ୍ଗବାଡ଼ି, ଯାହାକୁ "ଓଡ଼ିଶାର କାଶ୍ମୀର" ଭାବେ ଜଣାଯାଏ, ଆଧିକାରୀକ ପର୍ଯ୍ୟଟନ ୱେବସାଇଟ୍ ଆରମ୍ଭ କରାଯାଇଛି । ଜିଲ୍ଲା ପ୍ରଶାସନ ସୂଚନା ଅନୁଯାୟୀ, https://exploredaringbadi.com/ ନାମକ ଏହି ୱେବସାଇଟ୍‌ରେ ଦାରିଙ୍ଗବାଡ଼ି ସମ୍ପର୍କିତ ସମସ୍ତ ପର୍ଯ୍ୟଟନ ସୂଚନା ଉପଲବ୍ଧ କରାଯାଇଛି । ଏହି ପୋର୍ଟାଲ୍ ମାଧ୍ୟମରେ ପାଇନ୍ ଫରେଷ୍ଟ, ଜଳପ୍ରପାତ, କଫି ଗାର୍ଡେନ୍, ଭ୍ୟୁ ପଏଂଟ ଓ ଅନ୍ୟାନ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିବ । ଏହାସହିତ ହୋଟେଲ୍, ରିସର୍ଟ୍, ହୋମ୍‌ଷ୍ଟେ ଓ ଯାତାୟାତ ସୁବିଧା ବିଷୟରେ ମଧ୍ୟ ପର୍ଯ୍ୟଟକମାନେ ତଥ୍ୟ ପାଇପାରିବେ ।

ଆରଏସପି ପକ୍ଷରୁ ସମ୍ପ୍ରସାରଣ ପାଇଁ ସ୍ଥାନାନ୍ତରିତ ହୋଇଥିବା ୧୪୮ ଟି ପରିବାରକୁ ୬ କୋଟିରୁ ଅଧିକ ଟଙ୍କା ପ୍ରଦାନ ଏବଂ ୪୧ ଜଣଙ୍କୁ ଚୁକ୍ତିଭିତିକ ନିଯୁକ୍ତି

ରାଉରକେଲା,୨୮/୫ (ନି/ପ୍ର) :ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଏହାର ସମ୍ପ୍ରସାରଣ କାର୍ଯ୍ୟକୁ ସହଜ କରିବା ପାଇଁ ସ୍ଥାନାନ୍ତରିତ ହୋଇଥିବା ୧୪୬ଟି ପରିବାରକୁ ଏପର୍ଯ୍ୟନ୍ତ ୬ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିସାରିଛି, ସୂଚନାଯୋଗ୍ୟ ଯେ ସମ୍ପ୍ରସାରଣ ପରେ କାରଖାନାର ଉତ୍ପାଦନ କ୍ଷମତା ଦ୍ୱିଗୁଣିତ ହେବାକୁ ଯାଉଛି । ଆର୍ଥିକ ସହାୟତା ବ୍ୟତୀତ, କାରଖାନା ଏହି ପରିବାରଗୁଡ଼ିକର ଦୀର୍ଘକାଳୀନ ସ୍ଥିରତାକୁ ପ୍ରାଥମିକତା ଦେଉଛି । ଆରଏସପି ଏପର୍ଯ୍ୟନ୍ତ ୪୧ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତିକ ଚାକିରି ମାଧ୍ୟମରେ ଅନ୍ତର୍ଭୁକ୍ତ କରିଛି, ଯାହା ପ୍ରଭାବିତ ପରିବାରଗୁଡ଼ିକୁ ସ୍ଥିର ରୋଜଗାରର ସୁଯୋଗ ଯୋଗାଇ ଦେଇଛି । ଦେଓଗାଁ ନିକଟସ୍ଥ ଏକ ପ୍ରମୁଖ ସ୍ଥାନରେ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । କାରଖାନା ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଥାଇ ପ୍ଲଟ୍ ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି, ଯେଉଁଥିରେ ସଡ଼କ ସଂଯୋଗୀକରଣ, ଡ୍ରେନେଜ୍ ବ୍ୟବସ୍ଥା, ବିଦ୍ୟୁତ ଏବଂ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ଭିତିଭୂମି ସାମିଲ ରହିଛି । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ମାଲିକାନା ଦସ୍ତାବିଜ ସହିତ ଏହି ପ୍ଲଟ୍ ଗୁଡ଼ିକୁ ଆନୁଷ୍ଠାନିକ ଭାବେ ପରିବାରଗୁଡ଼ିକୁ ହସ୍ତାନ୍ତର କରାଯିବ । ସ୍ଥାନାନ୍ତର ପ୍ରକ୍ରିୟାକୁ ସୁଗମ କରିବା ପାଇଁ, ୮୩ ଟି କୁଡ଼ିଆରେ ରହୁଥିବା ବ୍ୟକ୍ତିଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି । ସ୍ଥାନୀୟ ସମୁଦାୟର କଲ୍ୟାଣକୁ ସାଙ୍ଗରେ ନେଇ ଯେପରି ସମ୍ପ୍ରସାରଣ ପ୍ରକଳ୍ପ ଆଗକୁ ବଢ଼ିବ, ସେଥିପାଇଁ ରାଉରକେଲା ଇସ୍ପାତ କାରଖାନା ସମସ୍ତ ପ୍ରକାର ପ୍ରଚେଷ୍ଟା କରୁଛି । ତତ୍କାଳ ଆର୍ଥିକ ସହାୟତା ଏବଂ ସ୍ଥାୟୀ ଦୀର୍ଘକାଳୀନ ଭିତିଭୂମି ଉଭୟ ଯୋଗାଇଦେଇ, କାରଖାନା ଏଥିରେ ସାମିଲ ଥିବା ପ୍ରତ୍ୟେକ ପରିବାର ପାଇଁ ଏକ ସକାରାତ୍ମକ ଏବଂ ସୁରକ୍ଷିତ ସ୍ଥାନାନ୍ତରଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି ।